ସାପ୍ତାହିକ

# ସ୍ୱୀକାର

Postal Regd. No.: SBP/RN-01/2022-2024

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା

RNI No. 66443/94

Vol.28 | Issue - 27 | 07 - 13 July 2024 | Sambalpur | Pages- 8 | Invitation Price Rs.10

## ଶିଳ୍ପାୟନ ପଶ୍ଚିମ ଓଡ଼ିଶାରେ ପ୍ରଦୂଷଣର କାରଣ ହୋଇଛି






ସମ୍ବଲପୁର : ପଶ୍ଚିମ ଓଡ଼ିଶାରେ ବହୁ ପରିମାଣରେ ପାଣି ଓ କୋଇଲା ଗଚ୍ଛିତ ଥିବା ସହ ଗମନାଗମନର ସୁବିଧା ଥିବାରୁ ଏଠାରେ ବହୁ ଶିଳ୍ପାନୁଷ୍ଠାନ ଗଢି ଉଠିଛି । ଶିଳ୍ପାୟନ ଦ୍ୱାରା ପଶ୍ଚିମାଞ୍ଚଳର କେତେକ ସହରରେ ବିକାଶ ହୋଇଥିଲେ ମଧ ପରିବେଶ ପ୍ରଦୂଷଣ ଏକ ମୁଖ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି । ତେଣୁ ବର୍ତ୍ତମାନ ସବୁଜ ଶିଳ୍ପାୟନ ଦିଗରେ କାର୍ଯ୍ୟ କରିବାର ସମୟ ଆସିଛି ବୋଲି ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଆୟୋଜିତ 'ପଶ୍ଚିମ ଓଡିଶାରେ ଶିଳ୍ପାୟନ: ଆଶିର୍ବାଦ ନା ଅଭିଶାପ' ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି ।

ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ବକ୍ତା ମାନେ ଆହୁରି କହିଥିଲେ ଯେ, ସମ୍ପ୍ରତି ବିକଶିତ ଭାରତ

### ନୃସିଂହ ଗୁରୁ ସ୍ମୃତି ସମିତିର ଆଲୋଚନାଚକ୍ର

କଥା ଚିନ୍ତା କରାଯାଇ ଶକ୍ତି ବୃଦ୍ଧିର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ପ୍ରଦୂଷଣ ମାତ୍ରାକୁ ମଧ ନେଟ୍ ଜିରୋ କରିବାର ଆଶ୍ୟକତା ରହିଛି । ସାରା ବିଶ୍ୱରେ ପ୍ରଦୂଷଣ ଯୋଗୁଁ ୧୩ ନିୟୁତ କୋଟି ଲୋକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପଶ୍ଚିମ ଓଡିଶାରେ ଉତ୍ପାଦିତ କୋଇଲା ସେତେ ଉନ୍ନତ ମାନର ହୋଇ ନ ଥିବାରୁ, ସେଥିରୁ ପାଉଁଶ ସୃଷ୍ଟି ହୁଏ । ପାଉଁଶ ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣ ଯୋଗୁଁ ଜନସାଧାରଣ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପାୱାର ପ୍ଲାଣ୍ଟ ଜନିତ ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ବିଭ୍ରାଟ ଜନସାଧାରଣଙ୍କ ଜୀବନକୁ ଦୁର୍ବିସହ କରିଛି । ତେଣୁ ସେଗୁଡିକ କେମିତି ରୋକା ଯାଇ ପାରିବ, ସେଥି ପ୍ରତି ଧ୍ୟାନ ଦିଆଯିବା ଉଚିତ । ଏହାଛଡା ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ସାଙ୍ଗକୁ ସାମାଜିକ ଦାୟିତ୍ୱବୋଧତାକୁ ସୂଚାରୁ ରୂପେ ନିର୍ବାହ କରିବା ଉପରେ ଶିଳ୍ପାନୁଷ୍ଠାନ ମାନେ ଗୁରୁତ୍ୱାରୋପ କରନ୍ତୁ ବୋଲି ବକ୍ତାମାନେ ପରାମର୍ଶ ଦେଇଥିଲେ ।

ସ୍ମୃତି ସମିତିର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗରାଜୁ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର



ଶ୍ୟାମ ସୁନ୍ଦର ପଟ୍ଟନାୟକ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପି.ପାର୍ଥ୍ୱ ସାରଥୀ, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡକ୍ଟର ସତ୍ୟନାରାୟଣ ନନ୍ଦ ଅତିଥି ରୂପେ ଯୋଗ ଦେଇଥିଲେ । ସ୍ମୃତି ସମିତିର ଉପ-ସଭାପତି ଅରବିନ୍ଦ ମହାପାତ୍ର ନୃସିଂହ ଗୁରୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଧନ୍ୟବାଦ ଦେଇଥିଲେ ।

ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ









## ଏ ସଂଖ୍ୟାରେ..


ଔଷଧୀୟ ଗୁଣରେ ଭରପୁର ସୋରିଷ ତେଲ


ଦେହକୁ ହିତ ପିଜୁଳି


ସାଲାଡ୍ ଖାଇ ସୁସ୍ଥ ରୁହନ୍ତୁ


ସ୍ୱାସ୍ଥ୍ୟୋପକାରୀ ଲେମ୍ବୁ


ଉପକାରୀ ଦହି


କନ୍ଦମୂଳର ଉପକାରିତା

# ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଝାରସୁଗୁଡ଼ା : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଲୋକଙ୍କ ସରକାର । ସମଗ୍ର ରାଜ୍ୟରେ ଲୋକଙ୍କୁ ଗୁଣାତ୍ମକ ଏବଂ ସହଜରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଯୋଗାଇବା ସରକାରଙ୍କ ପ୍ରାଥମିକତା । ଝାରସୁଗୁଡ଼ାର ମଙ୍ଗଳବଜାର ଠାରେ ଥିବା ପୁରୁଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନୂତନ କୋଠାକୁ ସ୍ଥାନାନ୍ତର ହେବା ପରେ ସହରବାସୀ ଯେଉଁ ମାନସିକତା ଦେଖାଇଛନ୍ତି ତାହାକୁ ଦୃଷ୍ଟିରେ ରଖି ମଙ୍ଗଳବଜାର ଠାରେ ଡାକ୍ତରଖାନା ଖୋଲି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପ୍ରୟାସ କରୁଛୁ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ । ଝାରସୁଗୁଡ଼ା ଗସ୍ତରେ ଆସି ଜିଲ୍ଲା ସଦର ଡାକ୍ତରଖାନା ପରିଦର୍ଶନ କରିବା ସହ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଥିଲେ । ଡକ୍ଟର ମହାଲିଙ୍ଗ କହିଥିଲେ ଯେ, ପୁରୁଣା ଡିଏଚ୍‌ଏଚ୍ ଠାରୁ ନୂତନ ଡିଏଚ୍‌ଏଚ୍ ପରିସରକୁ ଖୁବଶୀଘ୍ର ରକ୍ତଭଣ୍ଡାର ସ୍ଥାନାନ୍ତର ହେବ । ଜିଲ୍ଲା ସଦର ଡାକ୍ତରଖାନାରେ ଆଇସିୟୁ, ବର୍ଣ୍ଣ ୟୁନିଟ ଏବଂ ଅନ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକଶିତ ହେବ । ଶବ ରଖିବା ଲାଗି ଆବଶ୍ୟକୀୟ



ମଚୁଆରି ସଂଖ୍ୟା ବୃଦ୍ଧି, ଆୟୁଷ ଚିକିତ୍ସା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା, ନିଦାନରେ ହେଉଥିବା ରୋଗୀଙ୍କ ପରୀକ୍ଷା ମାଗଣାରେ କରାଯାଇ ଠିକଭାବେ ସ୍ୱାସ୍ଥ୍ୟସେବା ଯୋଗାଇବା, ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ମଙ୍ଗଳବଜାରରୁ ନୂତନ ଡିଏଚ୍‌ଏଚ୍‌କୁ ସ୍ଥାନାନ୍ତର କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।

ଏ ଅବସରରେ ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଜିଲ୍ଲା ସଦର ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଲାଗି ପୂର୍ବରୁ ଯେଉଁସବୁ କ୍ଷେତ୍ରରେ ଅବହେଳା ହୋଇଛି ତାହାକୁ ଦୂର କରାଯିବ । ଆଇସିୟୁ ପ୍ରତିଷ୍ଠା ସହ ରକ୍ତଭଣ୍ଡାରର ସମସ୍ୟା ଦୂର କରାଯିବ । ରୋଗୀ ଏବଂ ସେମାନଙ୍କ ପରିଜନ ରକ୍ତ ଲାଗି ଆଉ ହନ୍ତସନ୍ତ ଯେଭଳି ନ ହେବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ । ମଙ୍ଗଳବଜାର ଠାରେ ଲୋକଙ୍କ ସେବାରେ ଡାକ୍ତରଖାନା ୨୪ ଘଣ୍ଟା ଧରି ଉନ୍ମୁକ୍ତ ରହିବ । ଝାରସୁଗୁଡ଼ାବାସୀଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୌଣସି ଅବହେଳା କରାଯିବ ନାହିଁ ବୋଲି କହିଥିଲେ ।

ସକାଳେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବିଧାୟକ ଜିଲ୍ଲା ସଦର ଡାକ୍ତରଖାନାରେ ପହଞ୍ଚି ସମସ୍ତ ୱାର୍ଡ ବୁଲି ଦେଖିଥିଲେ । ରୋଗୀଙ୍କ ସହ କଥାବାର୍ତ୍ତା କରି ସମସ୍ୟା ବୁଝିବା ପ୍ରୟାସ କରିଥିଲେ । ସିଡିଏମ୍‌ଓ ଏବଂ ଅନ୍ୟ ଡାକ୍ତରଙ୍କ ସହ ଆଲୋଚନା କରି ଖାଲି ଡାକ୍ତର ପଦବି ପୂରଣ, ଆଇସିୟୁ ବେଡ୍ ବ୍ୟବସ୍ଥା, ଝାରସୁଗୁଡ଼ା କାର୍ଡିଆକ କେୟାର ହସ୍ପିଟାଲକୁ ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରାଯିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ରୋଗୀଙ୍କୁ ଯେଭଳି ବାହାର ସ୍ଥାନକୁ ରେଫର କରିବାର ଆବଶ୍ୟକତା ନ ପଡ଼େ ସେଭଳି ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଯେଉଁସବୁ ବି ସମସ୍ୟା ରହିଛି ତାହା ଦୂର କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଭିତ୍ତିଭୂମିର ବିକାଶ ଏବଂ ସ୍ୱାସ୍ଥ୍ୟସେବାରେ ଉନ୍ନତି ଲାଗି ପଦକ୍ଷେପ ନେବେ ବୋଲି କହିଥିଲେ । ଡାକ୍ତରଖାନା ପରିସରରେ ସ୍ୱାସ୍ଥ୍ୟମନ୍ତ୍ରୀ ବୃକ୍ଷରୋପଣ କରିଥିଲେ । ଏହି ପରିଦର୍ଶନ କାଳରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜୟକୃଷ୍ଣ ନାଏକ, ଏଡିଏମଓ ଡାକ୍ତର ଏମ୍.ଏମ୍ ପଣ୍ଡା, ଏଡିଏମ୍‌ଓ ଡାକ୍ତର ରାଧାରମଣ ବିର୍ତ୍ତିଆ, ଡାକ୍ତର ଲକ୍ଷ୍ମଣ କୁମାର କର୍ମୀ, ଡାକ୍ତର ମଧୁଲିତା ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରୋଗ୍ରାମ ଅଫିସର ବୁଲୁନାଥ ସାହୁ, ହସ୍ପିଟାଲ ମ୍ୟାନେଜର କୁମାର ଅଭିଷେକ, ଜିଲ୍ଲା ବିତ୍ତ ପରିଚାଳକ ଧିରେନ୍ଦ୍ର ନନ୍ଦ, ସହକାରୀ ଯନ୍ତ୍ରୀ ଅଶୋକ ମିଶ୍ର, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପ୍ରଧାନଙ୍କ ସମେତ ବହୁ ଡାକ୍ତର ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ ।

## ବିଶ୍ୱାତ୍ମା ବିଦ୍ୟାମନ୍ଦିରରେ ବନ ମହୋତ୍ସବ

ବଲାଙ୍ଗୀର : ବିଶ୍ୱାତ୍ମ ବିଦ୍ୟାମନ୍ଦିର ଆନନ୍ଦ ନିକେତନ ଆଶ୍ରମ ଖୁଜେନପାଲି ପରିସରରେ 'ବନମହୋତ୍ସବ' ବଲାଙ୍ଗୀର ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ କୁମାର ପାତ୍ରଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱାତ୍ମ ବିଦ୍ୟା ମନ୍ଦିରର ସଂପାଦକ ନବୀନ କୁମାର ବେଦବାକ, ପୂର୍ବତନ ସଂପାଦିକା ସୌଦାମିନୀ ଦ୍ୱାରୀ, ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ, ଉପ-ପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ପାଣିଗ୍ରାହୀ ଏବଂ ସଂଯୋଜକ ସମ୍ବିତ୍ କୁମାର ଯୋଗ ଦେଇ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହ ମିଶି ବୃକ୍ଷାରୋପଣ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱାତ୍ମ ବିଦ୍ୟା ମନ୍ଦିର, ବଲାଙ୍ଗୀର ର ସମସ୍ତ ସ୍କାଉଡ ଏବଂ ଗାଇଡ ଛାତ୍ରଛାତ୍ରୀମାନେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ କୁ ବିଦ୍ୟାମନ୍ଦିର ସ୍କାଉଟ୍ ଶିକ୍ଷକ ସଞ୍ଜୟ କୁମାର ଦାସ ସଂଯୋଜନା କରିଥିଲେ ।

## ଭିସ୍ସୁଟ୍‌ର ପ୍ରତିଷ୍ଠା ଦିବସ ପାଳିତ

ବୁର୍ଲା: ବୀର ସୁରେନ୍ଦ୍ର ସାଏ ବିଶ୍ୱ ବିଦ୍ୟାଳୟର ୧୬ତମ ପ୍ରତିଷ୍ଠା ଦିବସ ଏବଂ ୬୯ତମ ପ୍ରତିଷ୍ଠାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ କୁଳପତି ପ୍ରଫେସର ବଂଶୀଧର ମାଝୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

# ପ୍ରଭାବଶାଳୀ ଜୀବନର ସ୍ୱର୍ଣ୍ଣିମ ସୂତ୍ର

ସଫଳତା ପ୍ରତ୍ୟେକ ବ୍ୟକ୍ତିର ଜନ୍ମସିଦ୍ଧ ଅଧିକାର, କିନ୍ତୁ ବାହ୍ୟ ଉପଲବ୍ଧିଗୁଡ଼ିକ ସହିତ ଜୀବନରେ ସାର୍ଥକତାର ବୋଧ ହେବା ପରି ସଫଳ ଜୀବନ ଅଧିକାଂଶ ଲୋକ ଚାହିଁଲେ ମଧ ବଞ୍ଚି ପାରନ୍ତି ନାହିଁ । ଏହି ବିଷୟରେ ଆମେରିକାର ଲେଖକ ଷ୍ଟିଫନ କଭେଙ୍କ ପୁସ୍ତକ ସେଭେନ ହାବିଟ୍ସ ଅଫ ହାଇଲି ଇଫେକ୍ଟିଭ ପିପୁଲ, ପ୍ରଖର - ମାର୍ଗଦର୍ଶନ କରାଇଥାଏ ।

ବ୍ୟକ୍ତିଗତ, ସାମାଜିକ ତଥା ବୃତ୍ତିଗତ ଜୀବନରେ ସଫଳତାକୁ ସୁନିଶ୍ଚିତ କରୁଥିବା ଏହି ପୁସ୍ତକରେ ସାତଟି ଅଭ୍ୟାସର ଚର୍ଚ୍ଚା କରାଯାଇଛି, ଯାହା ପ୍ରତ୍ୟେକ ପ୍ରଭାବଶାଳୀ ବ୍ୟକ୍ତି ମଧରେ ମିଳିଥାଏ । ଉକ୍ତ ପୁସ୍ତକଟି ଲେଖକ ପୂର୍ବ ଓ ପଶ୍ଚିମ ଚିନ୍ତନର ଜ୍ଞାନ-ସାରକୁ ଏକାଠି କରି ତାହା ସହିତ ନିଜର ସଫଳ ବ୍ୟାବସାୟିକ ଜୀବନର ଅନୁଭବଗୁଡିକୁ ଯୋଡି ପ୍ରସ୍ତୁତ କରିଛନ୍ତି । ପୁସ୍ତକରେ ବର୍ଣ୍ଣିତ ସାତଟି ସ୍ୱର୍ଣ୍ଣିମ ସୂତ୍ରର ସାର ସଂକ୍ଷେପ ଏଠାରେ ପ୍ରସ୍ତୁତ କରାଯାଉଛି ।

ପ୍ରଥମ ଚରଣର ଅଭ୍ୟାସ ହେଉଛି – ବି ପ୍ରୋଆକ୍ଟିଭ ଅର୍ଥାତ୍ ନିଜର କର୍ମଗୁଡିକର ଦାୟିତ୍ୱ ବହନ କରନ୍ତୁ ଏବଂ ନିଜର ସମୟ ଓ ଉର୍ଜାକୁ ନିଜର ପ୍ରଭାବ କ୍ଷେତ୍ର ଉପରେ କେନ୍ଦ୍ରିତ କରନ୍ତୁ ।

ଭବିଷ୍ୟତରେ ଯେଉଁ ଆହ୍ୱାନଗୁଡିକ ଆସିବାର ଅଛି, ଯେଉଁ ସମସ୍ୟାଗୁଡିକର ସାମନା କରିବାର ଅଛି, ଯେପରି ଉଜ୍ଜ୍ୱଳ ଭବିଷ୍ୟତ ଆପଣ ଦେଖିବାକୁ ଚାହାନ୍ତି, ତାହାର ଅନୁରୂପ ବର୍ତ୍ତମାନ ରଣନୀତି ଉପରେ ବିଚାର କରିବାକୁ ପ୍ରୋଆକ୍ଟିଭ ଅଭ୍ୟାସ କୁହାଯାଏ । ଏହା ଦ୍ୱାରା ଆମେ ବର୍ତ୍ତମାନ କର୍ମଗୁଡ଼ିକୁ ଏପରି ସ୍ୱରୂପ ପ୍ରଦାନ କରି ଥାଉ ଯେ ତାହା ଭବିଷ୍ୟତର ଆହ୍ୱାନ ଓ ସମସ୍ୟାଗୁଡିକର ସାମନା କରିବା ପାଇଁ ପୂର୍ବରୁ ହିଁ ପ୍ରସ୍ତୁତ ହୋଇ ରହିଥାଏ, ଯାହା ଫଳରେ ଭବିଷ୍ୟତରେ ଇଚ୍ଛାନୁକୂଳ ଅପେକ୍ଷିତ ପରିଣାମ ମିଳି ପାରିବ ।

ଜଣେ ପ୍ରୋଆକ୍ଟିଭ ବ୍ୟକ୍ତି ହେବା ପାଇଁ ଆବଶ୍ୟକ ହେଉଛି – ଆମେ ନିଜର ବ୍ୟକ୍ତିତ୍ୱ ଓ ଜୀବନର ପ୍ରତ୍ୟେକ ଆୟାମ ସହିତ ଅଧିକାଧିକ ପରିଚିତ ହେବା ତଥା ସେହି ଜିନିଷଗୁଡିକ ପ୍ରତି ଜାଗରୂକ ରହିବା, ଯେଉଁଗୁଡିକୁ ଆମେ ନିଜର କ୍ରିୟାଗୁଡିକ ଦ୍ୱାରା ପ୍ରଭାବିତ କରି ପାରିବା, ବଦଳାଇ ପାରିବା, ପରନ୍ତୁ ଯାହା ଆମର ପ୍ରଭାବ କ୍ଷେତ୍ରର ବାହାରେ ଏବଂ ଯାହାକୁ ଆମେ ବଦଳାଇ ପାରିବା ନାହିଁ, ତାହାଠାରୁ ଦୂରେଇ ରହିବା ।

ଦ୍ୱିତୀୟ ଚରଣ ହେଉଛି- ବିଗିନ ୱିଥ୍ ଦି ଏଣ୍ଡ ଇନ ମାଇଣ୍ଡ ଅର୍ଥାତ୍ ନିଜର ରୁଚି, କ୍ଷମତା, ସମ୍ଭାବନା ତଥା ଯଥାସ୍ଥିତିକୁ ଦେଖି ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରିବା । ଏହା ହେଉଛି ଆମର ଜୀବନଲକ୍ଷ୍ୟ ସହିତ ଯୋଡି ହୋଇଥିବା ଅଭ୍ୟାସ । ଆମର ଜୀବନଲକ୍ଷ୍ୟ କେତେ ସ୍ପଷ୍ଟ, ଆମର ଜୀବନ ଦୃଷ୍ଟିକୋଣ ପରିଲକ୍ଷିତ ହେବା ଭଳି ମିସନ ଷ୍ଟେଟମେଣ୍ଟ (ବ୍ୟାପକ ଉଦ୍ଦେଶ୍ୟର ସଂକ୍ଷିପ୍ତ ବିବରଣ) ରୂପେ କ'ଣ ଏହା ପରିଭାଷିତ ହୋଇପାରିଛି ।

ଏହା ବହୁତ ମହତ୍ତ୍ୱ ରଖେ ଏବଂ ଏକ ପ୍ରଭାବଶାଳୀ ଜୀବନର ନିର୍ଣ୍ଣାୟକ ତତ୍ତ୍ୱ ଏଥରେ ନିହିତ ଥାଏ । ଲକ୍ଷ୍ୟ ସ୍ପଷ୍ଟ ନ ହେବା ଯୋଗୁଁ ଜୀବନ ପ୍ରତି ଆଚାର-ବ୍ୟବହାର ମଧ ଢିଲା ହୋଇଥାଏ । ବ୍ୟକ୍ତିର ପ୍ରୟାସ ଅପୂର୍ଣ୍ଣ ଓ ଶିଥିଳ ରହିଥାଏ ତଥା ଜୀବନରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରି ହୋଇ ନଥାଏ । କାରଣ ଜୀବନର ଶକ୍ତିଗୁଡିକ ଏଣେତେଣେ ବିଚ୍ଛୁରିତ ହୋଇ ରହିଥାଏ ।

ଏହି ଆଧାରରେ ଆପଣ ନିଜ ଜୀବନ ରୂପକ ନାବର ନାଉରୀ ଭୂମିକାରେ ଅବତୀର୍ଣ୍ଣ ହୋଇଯାନ୍ତି, ନିଜ ଜୀବନର ପଟକଥାର ଲେଖକ ଭୂମିକାରେ ସ୍ୱୟଂକୁ ଠିଆ ହୋଇଥିବାର ପାଇଥାନ୍ତି । ଆପଣ ନିଜର ଭାଗ୍ୟବିଧାତା ସ୍ୱୟଂ ହୋଇଥାନ୍ତି ।

ପ୍ରୋଆକ୍ଟିଭ ମାଇଣ୍ଡ ସେଟ ବା ମନଃସ୍ଥିତି ସହିତ ଏହି ଜୀବନ-ବୋଧ ମିଶି ସୁନିଶ୍ଚିତ କରିଥାଏ ଯେ ଆପଣ ଯାହା ବି ନିର୍ଣ୍ଣୟ ନେବେ, ତାହା ଆପଣଙ୍କର ନିଜ ଜୀବନ–ଧେୟ ସହିତ ମେଳ ଖାଉଥିବ, ଯେପରି କି ଆପଣ ନିଜେ ହେବାକୁ ଚାହିଁଥାନ୍ତି ଏବଂ ଆପଣ ନିଜ ଜୀବନ ପାଇଁ ପୁରା ଉତ୍ତରଦାୟୀ ରହନ୍ତି ।

ତୃତୀୟ ଚରଣର ଅଭ୍ୟାସ ହେଉଛି- ପୁଟ ଫାଷ୍ଟ ଥିଙ୍ଗ ଫାଷ୍ଟ ଅର୍ଥାତ୍ ଏହା ହେଲା ସମୟ ପ୍ରବନ୍ଧନ ସହିତ ଜଡ଼ିତ ପକ୍ଷ । ଏଠାରେ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁରୂପ ନିଜର ପ୍ରାଥମିକତାଗୁଡିକୁ ପରିଭାଷିତ କରିବାକୁ ହୋଇଥାଏ । ଏହି ଚରଣରେ ନିଜର ଭିଜନ ପରିକଳ୍ପନାକୁ ବାସ୍ତବତାରେ ରୂପାନ୍ତରିତ କରାଯାଇଥାଏ ଏବଂ ଏହା ଅନୁରୂପ ଉଚିତ ନିର୍ଣ୍ଣୟ ନିଆଯାଇଥାଏ ।

ଏଥିପାଇଁ ନିଜ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଓ ଗୁରୁତ୍ୱହୀନ ତଥା ଆବଶ୍ୟକ ଓ ଅନାବଶ୍ୟକ କାରକଗୁଡିକୁ ଚିହ୍ନିବା ଆବଶ୍ୟକ ହୋଇଯାଏ । ଏହା ସହିତ ତାତ୍କାଳିକ ସମସ୍ୟାଗୁଡ଼ିକୁ କିପରି ସମାଧାନ କରାଯିବ, ଏହାର ତ୍ୱରିତ ନିର୍ଣ୍ଣୟ ନେବାକୁ ପଡିଥାଏ ଅର୍ଥାତ୍ ଜୀବନର ପ୍ରତ୍ୟେକ କ୍ଷଣର ଶ୍ରେଷ୍ଠତମ ଉପଯୋଗ କିପରି ହୋଇପାରିବ, ଏହା ଏହି ଅଭ୍ୟାସ ଅନ୍ତର୍ଗତ ଆସିଥାଏ ଏବଂ ଏହା ଲକ୍ଷ୍ୟର ସ୍ପଷ୍ଟତା ଅନୁରୂପ ନିର୍ଣ୍ଣୟ ହୋଇଥାଏ । ଯଦି ଲକ୍ଷ୍ୟ ସ୍ପଷ୍ଟ ଓ ଜୀବନ୍ତ ନୁହେଁ, ତେବେ ଗୁରୁତ୍ୱହୀନ ଓ ଅନାବଶ୍ୟକ କାର୍ଯ୍ୟଗୁଡ଼ିକରେ ବ୍ୟକ୍ତି ଫସିଯିବା ନିଶ୍ଚିତ ହୋଇଥାଏ ।

ଚତୁର୍ଥ ଚରଣର ଅଭ୍ୟାସ ହେଉଛି – ଥିଙ୍କ ୱିନ ୱିନ । ଏହା ହେଉଛି ବିଚାର କରିବାର ସ୍ୱସ୍ଥ ଏବଂ ସନ୍ତୁଳିତ ଉପାୟ, ଯାହା ସକାରାତ୍ମକ ଓ ସୃଜନାତ୍ମକ ବିଚାରଣାକୁ ପରିଲକ୍ଷିତ କରିଥାଏ । ପୂର୍ବ ତିନି ଚରଣର ଆଧାରରେ ବ୍ୟକ୍ତି ମଧରେ ସେହି ବିଶ୍ୱାସ ଓ ସାହସ ଉତ୍ପନ୍ନ ହୋଇଯାଏ, ଯଦ୍ୱାରା ସେ 'ଥିଙ୍କ ୱିନ ୱିନ'ର ମନଃସ୍ଥିତିକୁ ଧାରଣ କରିପାରେ ।

ଏହାରି ଆଧାରରେ ସୁନିଶ୍ଚିତ ହୋଇଥାଏ ଯେ ଯେବେ ଆମେ ମିଳିମିଶି କାମ କରିଥାଉ, ତ ପରସ୍ପର ଆଦାନପ୍ରଦାନର ଆଧାରରେ ଆମେ ଆଗକୁ ବଢ଼ିଥାଉ, ବିକଶିତ ହୋଇଥାଉ ତଥା ପରସ୍ପର ଲାଭାନ୍ୱିତ ହୋଇଥାଉ । ଏହା ମିଳିମିଶି ଟିମୱାର୍କ ରୂପେ କାର୍ଯ୍ୟକୁ ସମ୍ଭବ କରିଥାଏ ତଥା 'ଥିଙ୍କ ୱିନ ଲୁଜ୍' ବା 'ଲୁଜ ୱିନ' କିଛି ପାଇବା ସହ କିଛି ହରାଇବା ଚିନ୍ତା)ର ନକାରାତ୍ମକ ସ୍ଥିତି ଓ ଏହାର ଦୁଷ୍ପରିଣାମରୁ ରକ୍ଷା କରିଥାଏ ।

ପଞ୍ଚମ ଚରଣର ଅଭ୍ୟାସ ହେଉଛି- ସିକ୍‌ଫାଷ୍ଟ ଟୁ ଅଣ୍ଡରଷ୍ଟାଣ୍ଡ, ଦେନ ଟୁ ବି ଅଣ୍ଡରଷ୍ଟୁଡ । ଏହା ଆମର ବାଣୀ –ବ୍ୟବହାର ସହ ଜଡ଼ିତ ଭାବନାତ୍ମକ ପକ୍ଷ । ଏହା ଅନ୍ତର୍ଗତ କୌଣସି ବ୍ୟକ୍ତିକୁ ତା'ର ବୌଦ୍ଧିକ ଓ ଭାବନାତ୍ମକ ସ୍ତରରେ ଜାଣିବା ପାଇଁ ଆମେ ସଂବେଦୀ ଶ୍ରବଣର ସହାୟତା ନେଇଥାଉ ।

ଏହାକୁ ଷ୍ଟିଫନ କଲେ ଏମ୍ପାଥି ଲିସ୍‌ଙ୍ଗ (ସହାନୁଭୂତିର ସହ ଶ୍ରବଣ) କହିଛନ୍ତି, ଯାହା ସର୍ବୋଚ୍ଚ ସ୍ତରର ଶ୍ରବଣ କୌଶଳ ଅଟେ, ଯାହା ଦାୟିତ୍ୱ ଓ ସମ୍ବେଦନାଶୀଳତାର ଭାବକୁ ବିକଶିତ କରିଥାଏ । ଏହି ଆଧାରରେ ଆବଶ୍ୟକ ହେଲେ ସଜୋଟତା ଓ ଷ୍ଟିକ୍ ବା କଠୋର ଷ୍ଟିଫନ କଲେ ପରାମର୍ଶ ଦେବା ସମ୍ଭବ ହୋଇଥାଏ । ଷ୍ଟିଫନ କଭେଙ୍କ ଅନୁସାର ଏହାର ଅଭ୍ୟାସ ବ୍ୟକ୍ତିର ଭାବ ପ୍ରବଣତାର ପୁଞ୍ଜି ବା ଇମୋସନାଲ ବ୍ୟାଙ୍କ ଆକାଉଣ୍ଟକୁ ସମୃଦ୍ଧ କରିଥାଏ । ଯାହାର ଆଧାରରେ ବ୍ୟକ୍ତି ଅଧିକ ଭାବପ୍ରବଣ ହୋଇଥାଏ ଏବଂ ତା'ର ବ୍ୟକ୍ତିତ୍ୱର ବିଶ୍ୱସନୀୟତା ଏବଂ ପ୍ରାମାଣିକତାରେ ବୃଦ୍ଧି ହୋଇଥାଏ । ଯାହା ସାମୂହିକ ଏବଂ ସାମାଜିକ ସ୍ତରରେ ସଫଳ ଜୀବନର ଏକ ନିର୍ଣ୍ଣାୟକ ଆଧାର ହୋଇଥାଏ ।

ଷଷ୍ଠ ଚରଣର ଅଭ୍ୟାସ ହେଉଛି– ସିନରଜାଇଜ୍ , ଯାହା ଅନ୍ତର୍ଗତ ଭିନ୍ନ ଭିନ୍ନ ପୃଷ୍ଠଭୂମି, ବିଚାର ଓ କ୍ଷମତାର ଲୋକଙ୍କ ମଧରେ ସେମାନଙ୍କ କ୍ଷମତାର ନିୟୋଜନ କରାଯାଇଥାଏ, ଯଦ୍ୱାରା ଶ୍ରେଷ୍ଠତମ ଫଳ ମିଳିପାରିବ । ଏହି ମାଧମରେ ସେହି ଜିନିଷ ବିକଶିତ ହୁଏ, ଯାହା ଅନ୍ୟଥା ଏକଲା କାର୍ଯ୍ୟ କରିବା ଦ୍ୱାରା ସମ୍ଭବ ହୋଇ ନଥାଏ । ଏହା ଏକ ପ୍ରଭାବୀ ଟିମ୍‌ୱାର୍କକୁ ସୁନିଶ୍ଚିତ କରିଥାଏ ।

ସପ୍ତମ ଚରଣର ଅଭ୍ୟାସ ହେଉଛି– ଶାର୍ପେନ ଦି ସ , ଏହା ଅନ୍ତର୍ଗତ ଆତ୍ମନିରୀକ୍ଷଣ, ସୁଧାର ଓ ନବୀନୀକରଣ ପାଇଁ ସମୟ ବାହାର କରିବାକୁ ପଡିଥାଏ, ଯଦ୍ୱାରା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏକ ସନ୍ତୁଳନ ସାଧ୍ ହୋଇଥାଏ ଏବଂ ସବୁ ମିଶି ଏକ ବଡ ପ୍ରଭାବ ଉତ୍ପନ୍ନ କରିଥାଏ । ଏଠାରେ କରତକୁ ଏକ ଉପମା ରୂପରେ ପ୍ରଯୁକ୍ତ କରାଯାଇଛି ।

ଯେପରି କରତର ଦାନ୍ତଗୁଡିକୁ ଧାର କରିବା ଦ୍ୱାରା ବୃକ୍ଷ ବା କାଠକୁ ଚିରିବା ସରଳ ହୋଇଯାଏ, ସେହିପରି ଜୀବନର ବିଭିନ୍ନ ପକ୍ଷକୁ ନିୟମିତ ରୂପେ ତର୍ଜମା କରିବା ଦ୍ୱାରା ସେଗୁଡ଼ିକର ପ୍ରଖରତା କାଏମ ରହିଥାଏ ଏବଂ ସେଗୁଡ଼ିକର ନିୟୋଜନ ଏକ ସଫଳ ଓ ପ୍ରଭାବୀ ଜୀବନକୁ ସମ୍ଭବ କରିଥାଏ ।

ଏହା ଅନ୍ତର୍ଗତ ଷ୍ଟିଫନ କଲେ ଜୀବନର ଚାରି ପକ୍ଷ ଉପରେ ନିୟମିତ ରୂପେ କାର୍ଯ୍ୟ କରିବା କଥା କହିଛନ୍ତି । ଶାରୀରିକ, ଭାବନାତ୍ମକ-ସାମାଜିକ, ମାନସିକ ଓ ଆଧାତ୍ମିକ । ଉପଯୁକ୍ତ ଆହାର, ବ୍ୟାୟାମ, ବିଶ୍ରାମ-ନିଦ ଆଦି ସହିତ ଶାରୀରିକ ପକ୍ଷକୁ ସବଳ ଓ ସ୍ୱସ୍ଥ ରଖାଯାଇ ପାରେ ।

ସଂବେଦୀ ଶ୍ରବଣ, ଅର୍ଥପୂର୍ଣ୍ଣ ସଂବାଦ ଏବଂ କର୍ତ୍ତବ୍ୟ ପ୍ରଧାନ ସେବା ସହିତ ସଂପର୍କ ଭାବପୂର୍ଣ୍ଣ ରହିଥାଏ । ନିତ୍ୟ ଅଧୟନ ଓ ଜ୍ଞାନ ବର୍ଜନ ସହିତ ବୌଦ୍ଧିକ ବିକାଶ ସୁନିଶ୍ଚିତ ହୋଇଥାଏ ତଥା ନିତ୍ୟ ଧାନ, ପ୍ରାର୍ଥନା ଓ ସ୍ୱାଧାୟ ଭଳି ଉପକ୍ରମ ଆଧାତ୍ମିକ ଦୃଷ୍ଟିରୁ ବ୍ୟକ୍ତିକୁ ଜୀବନ୍ତ ରଖିଥାଏ । ପ୍ରକୃତି କୋଳରେ ବିଚରଣ ଏସବୁ ପକ୍ଷଗୁଡିକୁ ପୁଷ୍ଟ କରିଥାଏ । ସପ୍ତମ ଅଭ୍ୟାସ ପୂର୍ବରୁ ଛଅଟି ଅଭ୍ୟାସକୁ ପୁଷ୍ଟ କରିଥାଏ, ଜୀବନରେ ଏକ ସନ୍ତୁଳନ ରଖିଥାଏ ଏବଂ ବ୍ୟକ୍ତିତ୍ୱକୁ ପ୍ରଭାବଶାଳୀ କରିଥାଏ ତଥା ଏକ ସଫଳ– ସାର୍ଥକ ଜୀବନକୁ ସୁନିଶ୍ଚିତ କରିଥାଏ ।

# ସତରେ କଣ ଈଶ୍ୱର ସବୁକିଛି କରନ୍ତି ?



ଡ଼ଃ ପ୍ରମୋଦ କୁମାର ପଣ୍ଡା

'ସତରେ କଣ ଈଶ୍ୱର ସବୁକିଛି କରନ୍ତି ? ଏ ସମ୍ପର୍କରେ ପୂର୍ବବର୍ତ୍ତୀ ଦୁଇଟି ଆଲେଖ୍ୟରେ ଆମେ ବିଶଦ ଭାବେ ବିଚାର କରିଥିଲେ । ନିଷ୍କର୍ଷ ଥିଲା, ଈଶ୍ୱର ସବୁକିଛି କରନ୍ତି ନାହିଁ କିମ୍ବା କରାନ୍ତି ନାହିଁ । ମଣିଷ ସ୍ୱତନ୍ତ୍ର । ପରତନ୍ତ୍ର ନୁହେଁ । ନିଜ କାମ ନିଜେ କରେ । କ୍ଷତି କିମ୍ବା ଅନିଷ୍ଟ ହେଲେ ଭଗବାନ ଏବଂ ଭାଗ୍ୟକୁ ଦୋଷ ଦିଏ । ନିଜ କଲା କର୍ମର ଫଳଭୋଗକୁ ଅନ୍ୟାୟ, ଅଯଥାର୍ଥ ବୋଲି ସିଦ୍ଧ କରିବାର ପ୍ରୟାସ କରେ । ଅପିତୁ ତାକୁ କୃତକର୍ମର ଫଳ ଭୋଗ କରିବାକୁ ପଡେ ।

ସଂସାର ଏକ ବିଦ୍ୟାଳୟ ନୁହେଁ । ଈଶ୍ୱର ଶିକ୍ଷକ ନୁହନ୍ତି । ସେ କିଛି ଆଦେଶ ଦିଅନ୍ତି ନାହିଁ । କାମ କରିବାକୁ ବାଧ କରନ୍ତି ନାହିଁ । ବାନ୍ଧି ରଖନ୍ତି ନାହିଁ । ସଂସାର ଏକ ଘର ସଦୃଶ । ଏହି ଘରର ମାଲିକ ସ୍ୱୟଂ ଈଶ୍ୱର । ନାରାୟଣ । ପିତା ମାତା ଭଳି ସେ ସମସ୍ତଙ୍କୁ ଆଦର କରନ୍ତି, ଯତ୍ନ ନିଅନ୍ତି । ଉନ୍ନତି ପାଇଁ ଅବସର ପ୍ରଦାନ କରନ୍ତି ।

ମଣିଷ କିନ୍ତୁ ତାର ପ୍ରକୃତିରେ ବନ୍ଧା । ବିକାର ବିଜଡିତ । ନିର୍ବିକାର ନୁହେଁ, ସ୍ୱାର୍ଥପର । ଆତ୍ମବଡ଼ିମା କବଳିତ, ସ୍ୱୟଂ ନାରାୟଣ ନର ରୂପେ ଅବତାର ନେଇଥିବାରୁ ମଣିଷ ଭଳି ତାଙ୍କୁ ପୀଡା ସହ୍ୟ କରିବାକୁ ପଡ଼ିଥିଲା । ଚଉଦ ବର୍ଷ ବନବାସ ଯିବାକୁ ପଡ଼ିଥିଲା । ଯେତେ କଷ୍ଟ ଭୋଗ କଲେ ମଧ ଭଗବାନ ଶ୍ରୀରାମଚନ୍ଦ୍ର କେବେବି ମର୍ଯ୍ୟାଦା ଉଲଂଘନ କରି ନ ଥିଲେ । ନାରାୟଣ ଅସୀମ ଶକ୍ତିର ମାଲିକ, ସର୍ବଶକ୍ତିମାନ, ତଥାପି ନରରୂପୀ ନାରାୟଣ ନାରାୟଣଙ୍କ ଶକ୍ତିର ଅକାରଣ ଉପଯୋଗ କରି ନ ଥିଲେ । ମେଘନାଦର ନାଗଫାଶରେ ମୂର୍ଚ୍ଛିତ ଯିବା ସତ୍ତ୍ୱେ ପକ୍ଷୀରାଜ ଗରୁଡ଼ର ସହାୟତା ଲୋଡ଼ିଥିଲେ । ବନ୍ଧନମୁକ୍ତ ହୋଇଥିଲେ, ମଣିଷ ହୁଏତ ଏହା ଜାଣି ନ ଥାଏ । କିନ୍ତୁ ଯଦି ବି ଜାଣି ଥାଏ, ନିଜ ପାଳି ପଡିଲେ ଭୁଲି ଯାଏ ।

ଗୋଟେ ପଟେ ମଣିଷ ଈଶ୍ୱରଙ୍କୁ ସବୁକିଛି ମାନି ନିଜ ଅପକର୍ମର ଅପଯଶ ତାଙ୍କ ମୁଣ୍ଡରେ ଲଦିବାକୁ କୁଣ୍ଠାବୋଧ କରେ ନାହିଁ । ଅନ୍ୟ ପଟେ ସେହି ମଣିଷ ନିଜର ସଫଳତା ଲାଭର ମୋହ ତ୍ୟାଗ କରି ନ ପାରି କୃପାଳୁ ଈଶ୍ୱରଙ୍କ ଶରବ୍ୟ ହୁଏ । ଶରଣ ପଶେ, ପରନ୍ତୁ ଏଥିରେ ମଧ ତାର କୁଟନୀତି ନିହିତ ଥାଏ । ତର୍ପଣ ଓ ଅର୍ପଣ ଲୋଭ ଦେଖାଇ ଲାଭ ଉଠାଇବାର ଅପଚେଷ୍ଟା କରେ । କିନ୍ତୁ କିଏ କାହାକୁ ଦିଏ ଏବଂ ଦେଇପାରେ ତାହା ତାର ବୁଦ୍ଧି ଓ ବିବେକ ବାହାରେ । ଦେବା ଲୋକର ହାତ ସର୍ବଦା ଉପରେ ଓ ନେବା ଲୋକର ହାତ ସବୁବେଳେ ତଳେ ରହେ, ଏହା ତାକୁ ବୋଧ ହୁଏନାହିଁ ।

ଦୃଷ୍ଟାନ୍ତ ସହିତ ଆଲୋଚନା କଲେ ବିଷୟଟି ଅଧିକ ସରଳ ଓ ସ୍ପଷ୍ଟ ହେବ । ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଯିବା ପୂର୍ବରୁ ଈଶ୍ୱରଙ୍କୁ ମୁଣ୍ଡିଆ ମାରେ । ପ୍ରାର୍ଥନା କରେ, ପରୀକ୍ଷାରେ କୃତକାର୍ଯ୍ୟ ହେଲେ ଭୋଗ ଅର୍ପଣର ଲୋଭ ଦେଖାଏ, ବାସ୍ତବରେ ଏହା ଭକ୍ତି ନୁହେଁ, ବିନା କର୍ମରେ କାର୍ଯ୍ୟସିଦ୍ଧି ପାଇଁ ଉତ୍କୋଚ ଯାଚିବା ସହିତ ସମାନ କହିଲେ ଭୂଲ୍ ହେବ ନାହିଁ । ଅତ୍ୟୁକ୍ତି ହେବ ନାହିଁ ।

ଅନେକ ପରୀକ୍ଷାର୍ଥୀଙ୍କ ପିତା ମାତା ମଧ ଅନୁରୂପ ଆଚରଣ ପ୍ରଦର୍ଶନ କରିଥାନ୍ତି । ଈଶ୍ୱରଙ୍କୁ ଗୁହାରି କରନ୍ତି । ପରୀକ୍ଷା ଦିନ ଘରୁ ବାହାରିବା ପୂର୍ବରୁ ନିଜ ସନ୍ତାନକୁ ଈଶ୍ୱରଙ୍କ ନିକଟରେ ମଥା ଟେକିବାକୁ ପରାମର୍ଶ ଦିଅନ୍ତି । ଘରର ବାମ ପାଖେ ପୂର୍ଣ୍ଣ ଜଳ କୁମ୍ଭ ସ୍ଥାପନ କରନ୍ତି । ଏସବୁ ସଂସ୍କାରର ପ୍ରତୀକ ହୋଇପାରେ । କିନ୍ତୁ ବିନା କଷ୍ଟରେ କୃଷ୍ଣ ପ୍ରାପ୍ତି ଆଶା କେତେଦୂର ଗ୍ରହଣୀୟ ? କେତେଦୂର ଯୁକ୍ତିଯୁକ୍ତ ? ଆମେ ନିଜେ ବିଚାର କରିବା କଥା । ଅନେକ ପିତା ମାତା ତ ସନ୍ତାନର ସଫଳତା ପାଇଁ ହାରି ଗୁହାରି କରିବା ସହିତ ବ୍ରାହ୍ମଣ ଭୋଜନ, ବାଳଭୋଜନ, ଗ୍ରହଶାନ୍ତି ପାଇଁ ହୋମଯଜ୍ଞ, ଓଷାବ୍ରତ, ପୂଜାପାଠ ଇତ୍ୟାଦି ଅନୁଷ୍ଠାନ କରିବାର ମାନସିକ କରନ୍ତି । ଭକ୍ତିଶୁନ୍ୟ ଭକ୍ତିରେ ଶକ୍ତି ନ ଥାଏ । ଆଉ ଶକ୍ତିହୀନ ଭକ୍ତି - ଉତ୍କୋଚ ଈଶ୍ୱରଙ୍କ ପାଇଁ କେତେ ଗ୍ରହଣ ଯୋଗ୍ୟ ? କେତେଦୂର ଫଳଦାୟୀ ?

ଅନ୍ୟ ଏକ ଉଦାହରଣ ନେବା । ଦୁନିଆଁରେ ବିଭିନ୍ନ ପ୍ରକାର ମଣିଷ ଅଛନ୍ତି । କିଛି ଲୋକ ନିୟମିତ ତାଙ୍କର ଆରାଧ ଦେବାଦେବୀଙ୍କୁ ଭୋଗ ଅର୍ପଣ କରନ୍ତି । ନିଜ ପାଇଁ ପ୍ରସ୍ତୁତ ଖାଦ୍ୟ ନିଜ ଇଷ୍ଟଦେବଙ୍କୁ ସମର୍ପଣ ନ କଲେ ପାଟିକୁ ଯାଏନି । ଏଥିରେ କିଛି ତ୍ରୁଟି ନାହିଁ, ଭଲ କଥା, କିନ୍ତୁ ଭୋଗ ଲାଗିବାର ପାଞ୍ଚ ମିନିଟ ପରେ ପରେ ଭୋଗ ଲାଗିଥିବା ସମସ୍ତ ଖାଦ୍ୟ ପଦାର୍ଥ ନିଜେ ଉଦରସ୍ଥ କରନ୍ତି । ସେହି ଭୋଗ ଖାଇବାକୁ ଈଶ୍ୱରଙ୍କୁ ପାଞ୍ଚମିନିଟ୍ ମିଳୁଥିବା ବେଳେ ତଥାକଥିତ ଭକ୍ତକୁ ପନ୍ଦର କୋଡ଼ିଏ ମିନିଟ୍ ମିଳିଥାଏ । ଏ ପ୍ରକାର ଭେଦାଭେଦ କାହିଁକି ? ଈଶ୍ୱର କେତେବେଳେ କ'ଣ ଖାଇବେ ଓ କେତେ ସମୟ ଖାଇବେ ତାହା କଣ ମଣିଷ ନିର୍ଦ୍ଧାରଣ କରିବ ? ଈଶ୍ୱର କଣ ସାଧାରଣ ମଣିଷର ଅଧୀନସ୍ଥ ? ଏହା ସ୍ୱାର୍ଥପୂର୍ତ୍ତି ପାଇଁ ପ୍ରାର୍ଥନା ଓ ଭୋଗ ଅର୍ପଣ ବେଳେ ମନମାନୀ ନୁହେଁ ତ ଆଉ କଣ ? ଈଶ୍ୱର ଯଦି ବାସ୍ତବରେ ଖାଉଥାନ୍ତେ ମଣିଷ ନିଜେ ନ ଖାଇ କଣ ନିୟମିତ ଭୋଗ ଅର୍ପଣ କରନ୍ତା ? ପୂଜାପାଠ ଆଳରେ ଧର୍ମର ଦ୍ୱାହି ଦେଇ ଏଭଳି ପ୍ରପଞ୍ଚ କଣ ଗ୍ରହଣ ଯୋଗ୍ୟ ? ଲଲାଟରେ ଧର୍ମ ଚିତା ମାରି ଅନ୍ୟ ମାନଙ୍କର ଚିତା କାଟିବା କଣ ଠିକ୍ କଥା ?

ଏମିତି ଆହୁରି ଅନେକ ଦୃଷ୍ଟାନ୍ତ ଆମର ଦୃଷ୍ଟିଗୋଚର ହୁଏ । ସ୍କୁଲ୍ ପଢା ପିଲାମାନେ ସାଧାରଣତଃ ଗଣେଶ ଚତୁର୍ଥୀ ଓ ସରସ୍ୱତୀ ପୂଜା ନିଶ୍ଚୟ ପାଳନ କରନ୍ତି । ଭୋଗରାଗ, ଫଳମୂଳ, ଧୂପଦୀପ ଇତ୍ୟାଦି ଅର୍ପଣ କରି ବିଦ୍ୟାଦାତା ଓ ବିଦ୍ୟଦାତ୍ରୀଙ୍କୁ ପ୍ରସନ୍ନ କରିବାର ପ୍ରଯତ୍ନ କରନ୍ତି । ଅନେକେ ବୋର୍ଡ଼ ପରୀକ୍ଷାରେ ଭଲ ନମ୍ବର ରଖିଲେ ଅମୁକ ଦେବୁ ସମୁକ ଦେବୁ ବୋଲି ସର୍ତ୍ତ ରଖନ୍ତି ଯାହାକୁ ଅନ୍ୟ ଭାଷାରେ ମାନସିକ କୁହାଯାଏ । କାହିଁ ଗଣପତି ଓ ମାଁ ସାରସ୍ୱତୀଙ୍କ ପୂଜାର୍ଚ୍ଚନାରେ ଯୋଗ ଦେଇଥିବା ସବୁ ପିଲା ତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୁଅନ୍ତି ନାହିଁ ? ପୁଅ କିମ୍ବା ଝିଅର ବିବାହ ଯଥା ସମୟରେ ହୋଇ ନ ପାରି ବୟସ ଗଡ଼ିଯାଉଥିଲେ ମାଁ ବାପା ଅଧୈର୍ଯ୍ୟ ହୋଇ ଜ୍ୟୋତିଷଙ୍କୁ ଜାତକ ଦେଖାନ୍ତି । ଜ୍ୟୋତିଷଙ୍କ ପରାମର୍ଶ ଅନୁସାରେ ପ୍ରତିକାର ମଧ କରନ୍ତି । କାହିଁ ସମସ୍ତଙ୍କୁ ନିର୍ଦ୍ଧାରିତ ସମୟ ଅବଧି ମଧରେ ବିବାହ କରିବା ପାଇଁ ପାତ୍ର କିମ୍ବା ପାତ୍ରୀ ତ ମିଳନ୍ତି ନାହ ? ଦୁରାରୋଗ୍ୟ ରୋଗରେ ପୀଡ଼ିତ କୌଣସି ସଦସ୍ୟ ଯଦି ଡାକ୍ତରଖାନାରେ ଚିକିତ୍ସିତ ହେଉଥାନ୍ତି ତାଙ୍କର ଆଶୁ ଆରୋଗ୍ୟ କାମନା କରି ପରିବାର ପରିଜନ ଈଶ୍ୱରଙ୍କୁ ଅନେକ ଜିନିଷ ଯାଚିଥାନ୍ତି । କାହିଁ ସମସ୍ତଙ୍କ ମନୋକାମନା ତ ପରିପୂରଣ ହୁଏ ନାହିଁ ? କୃଷକ ଭଲ ବର୍ଷା ପାଇଁ, ବ୍ୟବସାୟୀ ଭଲ ଆମଦାନୀ ପାଇଁ, ଡାକ୍ତର ଭଲ ରୋଜଗାର ପାଇଁ ସରକାରୀ ବାବୁ ପଦୋନ୍ନତି ପାଇଁ, ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ବିଜୟ ପାଇଁ, ବିଜୟୀ ପ୍ରାର୍ଥୀ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ପାଇଁ ଏମିତି ଅନେକ ଲୋକ ଅନେକ କାମ ପାଇଁ ଈଶ୍ୱରଙ୍କୁ ଅନେକ କିଛି ଯାଚିଥାନ୍ତି । କାହିଁ ସମସ୍ତଙ୍କ ମନୋବାଞ୍ଛା ତ ପୂର୍ଣ୍ଣ ହୁଏ ନାହିଁ ? ଅବଶ୍ୟ ଏସବୁ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସର ବିଷୟ । ସେଥିର ଆମର କିଛି କହିବାର ନାହିଁ କିମ୍ବା ହସ୍ତକ୍ଷେପ କରିବାର ନାହିଁ । କିନ୍ତୁ ବିହିତ କର୍ମ ନ କରି ଉତ୍ତମ ଫଳ ଆଶା କରିବା ଅନୁଚିତ ,ଅବାନ୍ତର ଓ ଉଦ୍ଭଟ ପରିକଳ୍ପନା ନୁହେଁ କି ? ତେଣୁ ଭଗବତରେ ଯଥାର୍ଥରେ ଲେଖା ଯାଇଛି ।

'କର୍ମ ମୋହର ନିଜ ଗୁରୁ ,
ଉଦ୍ଧବ କେତେ ତୁ ପଚାରୁ ।

ପାଠକଙ୍କୁ ଲାଗୁଥାଇ ପାରେ ଲେଖକ ଜଣେ ନାସ୍ତିକ ବୋଲି । ମୁଁ କିନ୍ତୁ ଏଠି ସ୍ପଷ୍ଟ କରିଦେବାକୁ ଚାହେଁ ଯେ ମୁଁ ଜଣେ ଅସ୍ତିକ । ଈଶ୍ୱରସତ୍ତା ଓ ଈଶ୍ୱର ବିଦ୍ୟମାନତାରେ ମୁଁ ଗଭୀର ବିଶ୍ୱାସ ରଖେ । କିନ୍ତୁ ବାସ୍ତବିକତା ଓ ଅବାସ୍ତବିକତା ମଧରେ ପାର୍ଥକ୍ୟ ଉପଲବ୍ଧି ମଣିଷକୁ ଅଧିକ ଈଶ୍ୱର ବିଶ୍ୱାସୀ କରାଏ ବୋଲି ମୁଁ ମନେ କରେଁ ।

ଈଶ୍ୱର ଆମର ପୂଜନୀୟ । ଆମର ମାତାପିତା, ସଖାସହୋଦର, ବନ୍ଧୁପରିଜନ । ଆମର ସବୁକିଛି, ମାର୍ଗଦର୍ଶକ, ହିତାକାଂକ୍ଷୀ । ଆମେ ଭଗବାନଙ୍କ ସୃଷ୍ଟି, ଭଗବାନ ଆମଠୁ ସୃଷ୍ଟ ନୁହନ୍ତି, ଯିଏ ଆମର ହର୍ତ୍ତା କର୍ତ୍ତା ବିଧାତା ସେ ଆମଠୁ ଉତ୍କୋଚ ନେବେ କିମିତି ? ଈଶ୍ୱର କେବଳ ଦିଅନ୍ତି, କିଛି ବି ନିଅନ୍ତି ନାହିଁ, ସେ ଦାତା, ଗ୍ରହୀତା ନୁହନ୍ତି । ଏହା ବେଦର ଗାର । ଯା ପଛରେ ଦୁଇଟି ମୁଖ୍ୟ କାରଣ । ହେତୁ ରହିଛି ପ୍ରଥମଟି ହେଲା ସୃଷ୍ଟିରେ ଯାହା ବି ଅଛି ସବୁ ଈଶ୍ୱର ସୃଷ୍ଟ । ସବୁକିଛି ତାଙ୍କର । ଆମ ପାଖେ କିଛି ବି ନାହିଁ ଆମେ ରିକ୍ତ ହସ୍ତ । ତେଣୁ ତାଙ୍କୁ ଆମେ କଣ ଦେଇ ପାରିବା ? କିଛି ନାହିଁ ଯାହା ବି ଦେବା ସେୟା ତାଙ୍କ ନିଜର । କବି ଗଙ୍ଗାଧରଙ୍କ ଭାଷାରେ ।

'କି ଦେଇ ପୂଜିବି ଯାହା ମୁଁ
ଦେଖୁଛି ସବୁ ତୁମରି ପ୍ରସାଦ,
ଯାହା ପରସାଦ ତାଙ୍କୁ
ଅରପିଲେ ହେବ ସିନା ଅପରାଧ'

ଦ୍ୱିତୀୟ କାରଣ ହେଲା ଈଶ୍ୱର ପାପ କିମ୍ବା ଅପକର୍ମ କରନ୍ତି ନାହିଁ । ବରଂ ଅପକର୍ମରୁ କ୍ଷାନ୍ତ ରହିବା ପାଇଁ ପରାମର୍ଶ ଦିଅନ୍ତି । ଭାରତର ପୂର୍ବତନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଦିବଂଗତ ଅଟଳ ବିହାରୀ ବାଜପେୟୀ ଯଥାର୍ଥରେ କହିଛନ୍ତି - କହିବା ପାଇଁ ବୁଦ୍ଧି ଦରକାର । କିନ୍ତୁ ମୌନ ରହିବାକୁ ହେଲେ ବିବେକ ଆବଶ୍ୟକ । ଏଠି ମୌନତାକୁ ଅପକର୍ମରୁ ମନର ଅପସାରଣ ବୋଲି ବୁଝିବା । ଉତ୍କୋଚ ଦେବା ଏବଂ ନେବା ଉଭୟ ପାପ । ଧର୍ତ୍ତବ୍ୟ ଅପରାଧ । ଈଶ୍ୱରଙ୍କୁ ଉତ୍କୋଚ ବଳରେ ସନ୍ତୋଷ କରି ନିଜର ସ୍ୱାର୍ଥ ସିଦ୍ଧି ଅଭିପ୍ରାୟ କେତେଦୂର ସମିଚୀନ, ଗ୍ରହଣୀୟ ଓ ସମ୍ଭବ ? ଏହା କେତେଦୂର ବିବେକାନୁମୋଦିତ ।

ଈଶ୍ୱର କହିଲେ ଅନ୍ୟାୟ କର ନାହିଁ । ଆମେ ଶୁଣିଲେ ଅନ୍ୟ ଆୟ କର । ଈଶ୍ୱର କହିଲେ ତୁମ ପାଖେ ନିଜର ବୋଲି କିଛି ନାହିଁ । କେବଳ ଗୋଟିଏ ବସ୍ତୁ ଅଛି, ତାହା ସମର୍ପଣ କଲେ ମୁଁ ଖୁସିରେ ଗ୍ରହଣ କରିବି, ମଣିଷର ଯାହା ନିଜର ସେ ତାହା ଦେବ ନାହିଁ । ଅନ୍ୟର ପଦାର୍ଥକୁ ଜୋର୍ ଜବରଦସ୍ତ ନିଜରକରି ଅନ୍ୟକୁ ଉଦାରତା ଦେଖେଇବାରେ ମଧ କୃପଣତା କରିବ । କେବଳ ଡିଣ୍ଡିମ ପିଟିବ । ଦେଖେଇ ହେବ ସେ ମହାଦାନୀ ହରିଶ୍ଚନ୍ଦ୍ର କିମ୍ବା କର୍ଣ୍ଣ ବୋଲି । ଯେଉଁ ଦିନ ନିଜ ପାଖେ ଥିବା ବସ୍ତୁଟି ଈଶ୍ୱରଙ୍କୁ ସମର୍ପଣ କରିଦେବ ସେ ଦେବତୁଲ୍ୟ ହୋଇଯିବ । ଗର୍ବ ଓ ଅହଂକାରରେ ଫାଟି ପଡୁଥିବା ମଣିଷ ଫୁଟି ଉଠିବ । ନିଜକୁ ନିଜେ ମହାଶୂନ୍ୟ ଭାବିବ । ନିରାଶକ୍ତ ନିଷ୍କାମ ପ୍ରଯତ୍ନ ବଳରେ ଶୂନ୍ୟତାର ଅମାଅନ୍ଧକାରରେ କିନ୍ତୁ ଦିବ୍ୟ ପୂର୍ଣ୍ଣତାର ସୁଖାଲୋକ ଉପଲବ୍ଧି କରିବ । ଗଙ୍ଗାଧରଙ୍କ ଭାଷାରେ ।

'ମୁଁକାର ମାତର ମୋର ନୁହେଁ
ବୋଲି କହିବାକୁ ନାହିଁ ବାଟ ,
ଦୂରୁଁ ଶ୍ରୀଚରଣେ ଅର୍ପଣ କରୁଛି
ଘେନ ହେ ବିଶ୍ୱ ସମ୍ରାଟ ।

ଏ ଉକ୍ତିର ମର୍ମ ବୁଝିଲେ ମଣିଷ କେବେ ବି କହିବ ନାହିଁ, ଦାବି ରଖିବ ନାହିଁ ଯେ, ଈଶ୍ୱର ସବୁ କରନ୍ତି ଓ କରାନ୍ତି । ଉତ୍କୋଚ ଦେବା ଓ ନେବା ତ ବହୁତ ଦୂରର କଥା । ସତ୍ୟ ଏବଂ ନିଷ୍ଠା ଭଳି ଦିବ୍ୟଗୁଣରେ ଅନୁଭୂତି ଓ ଉପଯୋଗ ଈଶ୍ୱରାନୁଭୂତି ପ୍ରାପ୍ତ କରାଇ ଥାଏ । ବିହାରର ମୁଜାଫରପୁର ସଂସଦୀୟ କ୍ଷେତ୍ରରୁ ନବନିର୍ବାଚିତ ସାଂସଦ (ଜଳ ଶକ୍ତି ରାଷ୍ଟ୍ର ମନ୍ତ୍ରୀ) ରାଜଭୂଷଣ ଚୌଧୁରୀ ଗତ ୨୪.୦୬. ୨୦୨୪ ସୋମବାର ଦିନ ସଂସଦରେ ଶପଥ ନେବାବେଳେ ଈଶ୍ୱରଙ୍କ ନାମ ନ ନେଇ ସତ୍ୟ ନିଷ୍ଠ ପ୍ରତିଜ୍ଞା କରିଥିଲେ । ଏହାହିଁ ପରୋକ୍ଷରେ ଈଶ୍ୱରଭକ୍ତି । ମଣିଷର ପ୍ରତ୍ୟକ୍ଷଶକ୍ତି । ତେଣୁ ଈଶ୍ୱର ସବୁ କିଛି କରନ୍ତି କହି ଅସଦୁପାୟରେ ଅନକାଂକ୍ଷିତ ଅଭିପ୍ରାୟ ପୂରଣର ପ୍ରୟାସ ଅସମିଚୀନ ନୁହେଁ କି ?

ନିମ୍ବ ବୃକ୍ଷ ରୋପଣ କରି ଆମ୍ବ ଆଶା କରୁଥିବା ବ୍ୟକ୍ତି ନିମ୍ବ ବୃକ୍ଷ ଉପରେ ଦୋଷାରୋପ କରିବା ଅନୁଚିତ । ବରଂ ଆମ୍ବ ଆଶାରେ ଆମ୍ବ ବୃକ୍ଷ ରୋପଣ କରି ଆମ୍ବ ପ୍ରାପ୍ତ ହେବା ଶ୍ରେୟସ୍କର । ନିମ୍ବ ବୃକ୍ଷ ରୋପଣ କଲେ ନିମ୍ବ ହିଁ ମିଳିବ । ଏହା ସୁନିଶ୍ଚିତ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

## ମେଥିର ଔଷଧୀୟ ଗୁଣ



ପ୍ରତିଦିନ ସକାଳୁ ଖାଲି ପେଟରେ ୧ ଗ୍ଲାସ୍ ଥଣ୍ଡା ପାଣି ସହିତ ୪ ଗ୍ରାମ୍ ମେଥି ଖାଇଲେ ପେଟ ରୋଗ ଭଲ ହୋଇଥାଏ । ଗରମ କ୍ଷୀର ବା ଗରମ ପାଣିରେ ମେଥି ଗୁଣ୍ଡକୁ ଗୋଳାଇ ପିଇଲେ ଏହା ଶରୀରରୁ ଯାବତୀୟ କ୍ଲାନ୍ତି ତଥା ଥକ୍କାପଣ ଦୂର କରେ । ମେଥି ରକ୍ତ ସଞ୍ଚାଳନକୁ ତ୍ୱରାନ୍ୱିତ କରିଥାଏ ତଥା ଶରୀରକୁ ତତ୍କ୍ଷଣାତ୍ ଶକ୍ତି ପ୍ରଦାନ କରିଥାଏ । ମେଥିକୁ କଦଳୀ ସହିତ ବାଟି ଲଗାଇଲେ ସମସ୍ତ ପ୍ରକାର ଚର୍ମରୋଗରୁ ଉପକାର ମିଳେ । ଏହା ଫଂଗାଲ ଇନଫେକସନ ପାଇଁ ଉପକାରୀ । ଏହା ଚର୍ମକୁ ଉଜ୍ଜଳ ତଥା କୋମଳ କରିଥାଏ । କ୍ଷତ ସ୍ଥାନରେ ମେଥି ବଟା ଲଗାଇଲେ ଦରଜ ତଥା ଫୁଲା ଘା' ଶୀଘ୍ର କମିଯାଏ ।

## ଆଜିର ଚିନ୍ତନ

ପ୍ରତ୍ୟେକଟି ସତକର୍ମ ଗୋଟିଏ ଗୋଟିଏ ଦାନ । ତୃଷାର୍ତ୍ତକୁ ଜଳ ଦେବା ଏକ ଦାନ । ଦୁଃଖୀଲୋକଙ୍କୁ ଆଶାଭରସା ଦେଇ ପଦେ କଥା କହିବା ଏକ ଦାନ । ଗରିବ ଓ ରୁଗ୍ଣ ଲୋକଙ୍କୁ ଔଷଧ ପାନେ ଦେବା ଏକ ଦାନ । ରାସ୍ତାରେ ପଡିଥିବା କଣ୍ଟାଟିଏ ବା ଭଙ୍ଗାକାଚ ଖଣ୍ଡିଏ ବାହାର କରିଦେବା ମଧ ଏକ ପ୍ରକାର ଦାନ ।

ଅନ୍ୟମାନଙ୍କ ପ୍ରତି ସଦୟ ହେବା, ଶ୍ରଦ୍ଧାବାନ୍ ହେବା ମଧ ଦାନ । କେହି ଯଦି ଆପଣଙ୍କର କ୍ଷତି କଲା, ତେବେ ତାକୁ କ୍ଷମା ଦେଇ ସେ ବିଷୟ ମନରୁ ପୋଛିଦେବା ମଧ ଦାନ । ଯନ୍ତ୍ରଣା ପାଉଥିବା ଲୋକକୁ ଦେଖିଲେ, ଆହା' ବୋଲି ପଦେ କହିଦେବା ମଧ ଏକ ଦାନ ।

ବିଦ୍ୱାନ ବା ଜ୍ଞାନଦାନ ହେଉଛି ଶ୍ରେଷ୍ଠତମ ଦାନ । କ୍ଷୁଧାର୍ତ୍ତକୁ ଅନ୍ନଦାନ କଲେ ତାର କ୍ଷୁଧା ନିବାରଣ ହେବ ସତ, କିନ୍ତୁ କିଛି ସମୟ ପରେ ତାର କ୍ଷୁଧା ପୁଣି ଥରେ ଉଦୟ ହେବ । କିନ୍ତୁ ଜ୍ଞାନ ଲାଭ କଲେ, ମନୁଷ୍ୟର ଅଜ୍ଞାନ ଦୂର ହୋଇଯାଏ । ଅଜ୍ଞାନରୁ ହିଁ ମଣିଷ ଏହି ଦେହ ଧାରଣ କରିଛି । ଅଜ୍ଞାନ ବିନାଶ ହୋଇଯିବା ସଂଗେ ସଂଗେ ମନୁଷ୍ୟର ସମସ୍ତ ଦୁଃଖ, ସକଳ ଯନ୍ତ୍ରଣା ସଂପୂର୍ଣ୍ଣ ଦୂର ହୋଇଯିବ ।

ରୋଗୀକୁ ଔଷଧ ଦାନ କରିବା ବା ଚିକିତ୍ସା ଦାନ କରିବା ହେଉଛି ଦ୍ୱିତୀୟ ଶ୍ରେଷ୍ଠ ଦାନ । ଅନ୍ନଦାନ ଅର୍ଥାତ୍ କ୍ଷୁଧାର୍ତ୍ତକୁ ଖାଦ୍ୟଦାନ କରିବା ହେଉଛି ତୃତୀୟ ଶ୍ରେଷ୍ଠ ଦାନ । ପ୍ରଥମେ ପ୍ରଥମେ ଯୋଗ୍ୟ ଅଯୋଗ୍ୟ ବିଚାର କରି ଦାନ କରନ୍ତୁ । କାଳକ୍ରମେ ଯୋଗାଯୋଗ୍ୟ ନିର୍ବିଶେଷରେ ସମସ୍ତଙ୍କୁ ଦାନ କରିବାକୁ ଅଭ୍ୟାସ କରନ୍ତୁ । ଯେତେବେଳେ ଉପଲବ୍ଧି କରିବେ ଯେ ସମସ୍ତଙ୍କ ଭିତରେ ଭଗବାନ ବିଜେ କରିଛନ୍ତି, ସେତେବେଳେ କିଏ ଯୋଗ୍ୟ, କିଏ ଅଯୋଗ୍ୟ ସ୍ଥିର କରିବା କଷ୍ଟକର ହେବ । ଦରିଦ୍ର, ରୁଗ୍ଣ, ଅସହାୟ ଓ ପରିତ୍ୟକ୍ତ ଲୋକଙ୍କୁ ଦାନ କରନ୍ତୁ । ଅନାଥ, ଜରାଜୀର୍ଣ୍ଣ, ଅନ୍ଧ ଓ ସଦ୍ୟ ବିଧବା ମାନଙ୍କୁ ଦାନ କରନ୍ତୁ । ସାଧୁସନ୍ନ୍ୟାସୀ ଧର୍ମାନୁଷ୍ଠାନ ଓ ସାମାଜିକ ସେବାନୁଷ୍ଠାନମାନଙ୍କୁ ଦାନ କରନ୍ତୁ । ଦାନ ଏକ ସେବା । ଯେ ଆପଣଙ୍କୁ ଏହି ସେବାର ସୁଯୋଗ ଦେବେ, ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ନିର୍ମଳ ମନରେ ଦାନ କରନ୍ତୁ । ଦାନ ମାଧ୍ୟମରେ ଭଗବତ୍ ଦର୍ଶନ କରନ୍ତୁ । ଯେଉଁମାନେ ଉପଯୁକ୍ତ ମନୋଭାବ ରଖି ଦାନ କରନ୍ତି, ସେମାନନଙ୍କର ଜୀବନ ଧନ୍ୟ ।

ବର୍ଷ ୨୮, ସଂଖ୍ୟା - ୨୭, ୦୭ - ୧୩ ଜୁଲାଇ ୨୦୨୪

# ମାଗଣାର ଭୟଙ୍କର ପରିଣତି

ନୋବେଲ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ଆମେରିକୀୟ ଲେଖକ ଜନ୍ ଷ୍ଟେନ୍‌ବେକ୍ କହୁଥିଲେ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମାତ୍ରାଧିକ କ୍ଷମତାଲୋଭ ହିଁ ଭ୍ରଷ୍ଟ ବ୍ୟବସ୍ଥାର ଜନକ । ଭ୍ରଷ୍ଟ ବ୍ୟବସ୍ଥା ମଧ୍ୟରେ ‘ମାଗଣା’ ବ୍ୟବସ୍ଥା ହେଉଛି ଅତୀବ ସାଂଘାତିକ । ମାଗଣା ବ୍ୟବସ୍ଥା ହେଉଛି ପଶୁବୁଦ୍ଧିର ପରିଣାମ । ଅର୍ଥାତ୍ ଏକପ୍ରକାର ଅତ୍ୟାଚାର । ୨୦୨୨ ଜୁଲାଇରେ ବରିଷ୍ଠ ଅଧିବକ୍ତା ଅଶ୍ୱିନୀ ଉପାଧ୍ୟାୟଙ୍କ ଏକ ଯାଚିକା ଉପରେ ବିଚାରକରି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ, ଲାଞ୍ଚ ଦେବାନେବା ଯେମିତି ଏକ ଅପରାଧ, ଠିକ୍ ସେମିତି ରାଜନୈତିକ ଦଳଗୁଡ଼ିକ ଦ୍ୱାରା ମାଗଣା ବଣ୍ଟନ, ପ୍ରତିଶ୍ରୁତି ପୂର୍ବକ ଭୋଟ ହାତେଇବା ଏକ ପ୍ରକାର ଲାଞ୍ଚ ପ୍ରକ୍ରିୟା, ଯାହାକି ଜନ ପ୍ରତିନିଧି ଆଇନର ବିରୁଦ୍ଧାଚରଣ କରୁଛି । ଏଣୁ ତାହା ଅପରାଧ ପର୍ଯ୍ୟାୟଭୁକ୍ତ ।’’ ଏହା କିଭଳି ରୋକାଯାଇପାରିବ ସେ ସମ୍ବନ୍ଧ ସମୁଚିତ ଉପାୟ ବାହାରକରି ନ୍ୟାୟାଳୟକୁ ଅବଗତ କରାଇବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ । କୁହାଯାଏ, ଯଦି ଗୋଟେ ଜାତିକୁ ବିନଷ୍ଟ କରିବାର ଇଚ୍ଛା, ତେବେ ଏପରି ବ୍ୟବସ୍ଥା ଖଞ୍ଜିଦିଅ ଯେମିତି କି ସେ ତା’ର ଶକ୍ତି, ସାମର୍ଥ୍ୟ ସବୁ ଭୁଲିଯିବ ଏବଂ ସ୍ୱାଭିମାନଶୂନ୍ୟ ହୋଇ ସତ୍ୟାନାଶକୁ ଅନାଇ ରହିଥିବ । ମରଣମୁହାଁ ଯୋଜନା ମଧ୍ୟରେ ‘ମାଗଣା’ ସେଭଳି ଏକ ଭୟଙ୍କର ବରବାଦୀ ବ୍ୟବସ୍ଥା । ‘ମାଗଣା’ର ମୋହ ଏମିତି ଏକ ରୋଗ ଯେ ଥରେ ଯଦି ଗ୍ରାସକଲା, ତେବେ ସେଥିରୁ ମୁକୁଳିବା ଖୁବ୍ କଷ୍ଟସାଧ । ଦେଶ ଓ ଜାତିକୁ ସେଥିପାଇଁ ଅନେକ ମୂଲ୍ୟ ଦେବାକୁ ପଡ଼େ । ମେଣ୍ଢାଲୋମରେ ମେଣ୍ଢାଙ୍କ ପାଇଁ କମ୍ବଳ ତିଆରିକରି ବାଣ୍ଟିବାରେ ନେତାମାନେ ଖୁବ୍ ଓସ୍ତାଦ । ଏକଦା ଜଣେ ନେତା ମେଣ୍ଢାପଲଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଲେ ଯେ, ମୁଁ ଏଥର ଜିତିଲେ ପ୍ରତି ମେଣ୍ଢାକୁ ଗୋଟେ ଗୋଟେ କମ୍ବଳ ବାଣ୍ଟିବା । ସବୁ ମେଣ୍ଢା ଖୁସିରେ ଗଦଗଦ ହୋଇଗଲେ । ନେତା ଜଣକ ସେଠାରୁ ଚାଲିଗଲା ପରେ ମେଷ ଶାବକଟିଏ ଅବୁଝା ଦୃଷ୍ଟିରେ ତା’ମାଆକୁ ପଚାରିଲା ସବୁ ମେଣ୍ଢା ଆଜି ଖୁସି କାହିଁକି ? କମ୍ବଳ କଥା ଶୁଣିଲା ପରେ ପୁଣି ପଚାରିଲା - ଆମ ପାଇଁ ଏତେ ସଂଖ୍ୟାରେ ଯେଉଁ କମ୍ବଳ ବ୍ୟବସ୍ଥା ହେବ, ସେଥିପାଇଁ ଲୋମ କେଉଁଠୁ ଆଣିବେ ସେ ? ଆମ ଦେହରୁ କାଟିନେଇ ବା ଆମ ଚମଡ଼ା ଉତାରିନେଇ କମ୍ବଳ ତିଆରି କରିବେ ନାହିଁ ତ ? ବେକାରି ଭତ୍ତା, ଗରିବ ଭତ୍ତା, ଚାଷୀ ଭତ୍ତା, ମହିଳା ଭତ୍ତା, ମାଗଣା ବିଜୁଳି, ଶସ୍ତା ବା ମାଗଣା ଗ୍ୟାସ୍ ଆଦି ବ୍ୟବସ୍ଥାରେ ପ୍ରଲୁବ୍ଧ ହେଉଥିବା ଆମେମାନେ କେବେ ପଚାରିଛୁ କି, ଏତେ ସବୁ ବ୍ୟବସ୍ଥା ତୁଲାଇବାକୁ ପଇସା ଆସିବ କେଉଁଠୁ ? ମାଗଣାର ପୃଷ୍ଠପୋଷକମାନେ ତାଙ୍କ ଜମିବାଡ଼ି, ସ୍ଥାବର/ଅସ୍ଥାବର ସମ୍ପତ୍ତି ବିକି ଭରଣା କରିବେ କି ? ଗୋଟିଏ ପରିବାରର ଜଣେ ବ୍ୟକ୍ତି ଯଦି କିଛି କାମ ନ କରି ବସି ଖାଏ, ତେବେ ପରିବାର ଚଳେଇବା ପାଇଁ ଆଉ ଜଣଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ । ତାକୁ ଅନେକ କଷ୍ଟ ଓ ତ୍ୟାଗ ସ୍ୱୀକାର କରିବାକୁ ହେବ । ଠିକ୍ ସେମିତି ଦେଶର ଗୋଟେ ବର୍ଗ ଯଦି ବସି ଖାଇଲେ ବା ମାଗଣା ପାଇଲେ, ତାକୁ ଭରଣା କରିବାକୁ ଅନ୍ୟ ବର୍ଗଙ୍କୁ ଅଧିକ ଯାତନା ସହିବାକୁ ପଡ଼ିବ, ଅଧିକରୁ ଅଧିକ କର ଦେବାକୁ ପଡ଼ିବ । ଏକଦା ହିଟ୍‌ଲର ଗୋଟେ କୁକୁଡ଼ାକୁ ସଂସଦ ଭିତରକୁ ସାଥିରେ ନେଇ ଆସିଲେ । ଆଶ୍ଚର୍ଯ୍ୟ ହୋଇ ସମସ୍ତେ ଦେଖୁଥାନ୍ତି ଓ ମନେ ମନେ ଭାବୁଥାନ୍ତି ଏହାର ରହସ୍ୟ କ’ଣ ହୋଇପାରେ । ଏହି ସମୟରେ କୁକୁଡା ପରଗୁଡ଼ିକୁ ସେ ଉପାଡ଼ିବାକୁ ଲାଗିଲେ, ଗୋଟେ ପରେ ଗୋଟେ ଓ ସବୁ ପର ଉପାଡ଼ି ସାରି ତାକୁ ତଳେ ଛାଡ଼ିଦେଲେ । ତା’ପରେ ଦାନା ଦୁଇଟା ଦେଲେ ଖାଇବାକୁ । କୁକୁଡ଼ା ଦାନା ଖାଇ ଖାଇ ହିଟ୍‌ଲରଙ୍କ ଗୋଡ଼ ପାଖକୁ ଚାଲି ଆସିଲା । ହିଟଲର ଯୁଆଡ଼େ ଚାଲିଲେ, ଯନ୍ତ୍ରଣାକୁ ପାସୋରିପକେଇ ସାମାନ୍ୟ ଦାନା ଲୋଭରେ କୁକୁଡ଼ା ବି ତାଙ୍କ ପଛେ ପଛେ ଚାଲିଲା । ସେଇଠୁ ବାଚସ୍ପତିଙ୍କ ମୁହଁକୁ ଅନେଇ ହିଟ୍‌ଲର କହିଲେ, ‘ଗଣତନ୍ତ୍ର ବ୍ୟବସ୍ଥାରେ ନେତାମାନେ ୫ବର୍ଷ ଜନତାଙ୍କୁ ଠିକ୍ ଏମିତି ଲୁଟିବେ ଏବଂ ନିର୍ବାଚନ ସମୟ ଆସିଲେ ତାଙ୍କ ଉପରକୁ ଏହିଭଳି କିଛି ଦାନା ଫୋପାଡ଼ିବେ । ସେଇ ଦାନା ଦିଇଟା ପାଇ ଜନତା ଖୁସ । ତା’ପରେ ଏହି କୁକୁଡ଼ା ପରି ସେମାନେ ଚାଲୁଥିବେ ନେତାଙ୍କ ଗୁଣ ଗାଇ ଗାଇ । ଅର୍ଥାତ୍ ଶୋଷକ ସାଜୁଥିବା ସେହି ନେତାମାନେ ତାଙ୍କର ଯାବତୀୟ ଯନ୍ତ୍ରଣାର କାରଣ ଜାଣି ମଧ୍ୟ ନେତାଙ୍କ ଗୋଲାମ ହେବାକୁ ଗୌରବ ମଣିବେ ଜନତା ।’ ଯେତେ ପ୍ରାଚୁର୍ଯ୍ୟ ଭରି ରହିଥିଲେ ବି ମାଗଣା ପ୍ରତି ମୋହାବିଷ୍ଟ ହେଲେ, ଦୁର୍ଦ୍ଦିନ ଓ ଦୁର୍ଭାଗ୍ୟ ଘୋଟି ଆସିବ ଭୂମିର ଭାଗ୍ୟାକାଶରେ, ଠିକ୍ ଭେନେଜୁଆଲା ପରି । ସୁନାଖଣି, ତୈଳଖଣିରେ ସମୃଦ୍ଧ ଥିବା ଦକ୍ଷିଣ ଆମେରିକାର ସବୁଠୁ ବିତ୍ତଶାଳୀ ଭୂମି ଥିଲା ଭେନେଜୁଆଲା । ଶହ ଶହ ମାଇଲ ବ୍ୟାପୀ ପରିବ୍ୟାପ୍ତ ଥିଲା ତୈଳ ଭଣ୍ଡାରମାନ, ତା’ସାଙ୍ଗକୁ ଅନେକ ସୁନାଖଣି । ବିଶ୍ୱର ସର୍ବାଧିକ ତୈଳ ଭଣ୍ଡାରର ଦେଶ, ସେଦିନର ସମୃଦ୍ଧ ଭୂମିଟି ଆଜି ଏକ କାଙ୍ଗାଳ ଦେଶରେ ପରିଣତ କର୍ମଠ ଜାତିଟି ମାଗଣା ବ୍ୟବସ୍ଥାରେ ମୋହାବିଷ୍ଟ ହୋଇ ଏକ କର୍ମକୁଣ୍ଠ ଜାତିରେ ପରିଣତ ହୋଇଗଲା ଅଚିରେ । ୱାର୍ଲ୍ଡ ଇକୋନୋମିକ୍ ଫୋରସ୍‌ର ତଥ୍ୟାନୁଯାୟୀ ମାଗଣା ବ୍ୟବସ୍ଥାର ଘାତକ ପରିଣତିରେ ଅନ୍ୟୁନ ୯୪ ଭାଗ ବ୍ୟକ୍ତି ଦାରିଦ୍ର୍ୟଜନିତ ଯନ୍ତ୍ରଣାରେ ନିଷ୍ପେଷିତ ଆଜି । ଆଫ୍ରିକୀୟ ଦେଶ ସୋମାଲିଆ ବିଶ୍ୱର ଅନ୍ୟ ଏକ ପ୍ରମୁଖ ଅପରାଧ ଓ ଅରାଜକତାର ଦେଶ ଭାବେ ପରିଗଣିତ ।

# ପୁଞ୍ଜିବାଦ ନା ଟ୍ରଷ୍ଟୀ-ବ୍ୟବସ୍ଥା ?

## ମହାତ୍ମା ଗାନ୍ଧୀ



ମୁଁ ଦୃଢ଼ଭାବରେ ବିଶ୍ୱାସ କରୁଛି ଯେ, ଯଦି କୌଣସି ରାଷ୍ଟ୍ର ହିଂସା ଦ୍ୱାରା ପୁଞ୍ଜିବାଦକୁ ଦବାଇ ରଖିବ, ତେବେ ସେ ନିଜେ ମଧ୍ୟ ସେହି ହିଂସାର ଗୋଲକଟି ଭିତରେ ଯାଇ ପଡ଼ିଯିବ ଏବଂ ଅହିଂସାର ବିକାଶ ସାଧନ କରିବା ତା’ ଲାଗି ଆଉ କୌଣସି ସମୟରେ ସମ୍ଭବ ହେବନାହିଁ । ଏକ ସଂକେନ୍ଦ୍ରିତ ତଥା ସଂଗଠିତ ଆକାରରେ ହିଁ ରାଷ୍ଟ୍ର ହିଂସାର ପ୍ରତିନିଧି କରୁଥାଏ । ଜଣେ ବ୍ୟକ୍ତିର ସିନା ଆତ୍ମା ରହିଛି, ମାତ୍ର ରାଷ୍ଟ୍ରଯନ୍ତ୍ରଟିର କୌଣସି ଆତ୍ମା ନଥିବାରୁ ତାହାକୁ କଦାପି ହିଂସାରୁ ନିବୃତ୍ତ କରାଇ ଆଣି ହେବନାହିଁ । କାରଣ ହିଂସାର ସହାୟ ଲାଭ କରି ତ ଗୋଟିଏ ରାଷ୍ଟ୍ର ତିଷ୍ଠି ରହିଥାଏ । ତେଣୁ ମୁଁ ଟ୍ରଷ୍ଟୀ ପ୍ରଥାର ସିଦ୍ଧାନ୍ତଟିକୁ ଅଧିକ ପସନ୍ଦ କରୁଛି ।

ସର୍ବଦା ଏଭଳି ଏକ ଭୟ ରହିଛି ଯେ, ଯେଉଁମାନେ ରାଷ୍ଟ୍ର ସହିତ ଏକମତ ନ ହେବେ, ସେମାନଙ୍କ ବିରୋଧରେ ରାଷ୍ଟ୍ର ହୁଏତ ଅତି ବେଶୀ ହିଂସାର ପ୍ରୟୋଗ କରିବ । ଯଦି ସଂପୃକ୍ତ ଲୋକମାନେ ଜଣେ ଜଣେ ଟ୍ରଷ୍ଟୀପରି ଆଚରଣ କରିବେ, ତେବେ ମୁଁ ବସ୍ତୁତଃ ଅତ୍ୟନ୍ତ ଖୁସୀ ହେବି । ମାତ୍ର, ସେମାନେ ଯଦି ଏଥିରେ ସଫଳ ନହୁଅନ୍ତି, ମୁଁ ଭାବୁଛି, ଆବଶ୍ୟକ ସର୍ବନିମ୍ନ ହିଂସାର ପ୍ରୟୋଗ କରାଯାଇ ରାଷ୍ଟ୍ରର ମାଧ୍ୟମରେ ସେମାନଙ୍କଠାରୁ ସେମାନଙ୍କର ସମ୍ପତ୍ତିକୁ କାଢ଼ି ଆଣିବାକୁ ପଡ଼ିବ ।

ମୁଁ ସେହି କାରଣରୁ ଗୋଲଟେବୁଲ୍ ବୈଠକରେ କହିଥିଲି ଯେ, ପ୍ରତ୍ୟେକଟି ନ୍ୟସ୍ତସ୍ୱାର୍ଥର ଯାଞ୍ଚ କରାଯିବ, ଏବଂ ଯେଉଁଠାରେ ଆବଶ୍ୟକ ହେବ, ସେଠାରେ ସମ୍ପତ୍ତିକୁ ବାଜ୍ୟାପ୍ତ କରି ନିଆଯିବ । କୌଣସି କ୍ଷତିପୂରଣ ଦିଆଯିବ କି ନାହିଁ, ସେକଥାର ନିଷ୍ପତ୍ତି ଅଲଗା ଅଲଗା କରାଯିବ ।

ବ୍ୟକ୍ତିଗତଭାବରେ ମୁଁ ଏହିଭଳି ହେଉ ବୋଲି ଅଧିକ ପସନ୍ଦ କରିବି ଯେ, ରାଷ୍ଟ୍ର ହାତରେ କ୍ଷମତା ଆଦୌ କେନ୍ଦ୍ରୀଭୂତ ହୋଇ ରହିବନାହିଁ, ମାତ୍ର ଟ୍ରଷ୍ଟୀ ପ୍ରଥାର ଭାବଟିକୁ ସେହି କ୍ଷେତ୍ରରେ ମଧ୍ୟ ଲାଗୁ କରାଯିବ, କାରଣ, ମୋ’ମତରେ, ରାଷ୍ଟ୍ରର ହିଂସା ତୁଳନାରେ ବ୍ୟକ୍ତିଗତ ମାଲିକାନାର ହିଂସା ଅନେକ କମ୍ କ୍ଷତିକାରକ ହେବ । ଅବଶ୍ୟ, ଯଦି ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼େ, ରାଷ୍ଟ୍ର ଯଥାସମ୍ଭବ କମ୍ ପରିମାଣରେ ମାଲିକ ହୋଇ ରହିବାକୁ ମୁଁ ନିଶ୍ଚୟ ସମର୍ଥନ କରିବି ।

ମନୁଷ୍ୟ ବାସ୍ତବ କ୍ଷେତ୍ରରେ ଅଭ୍ୟାସର ବଶବର୍ତ୍ତୀ ହୋଇ ଜୀବନ ବଞ୍ଚେ ବୋଲି ସ୍ୱୀକାର କରୁଥିଲେ ମଧ୍ୟ ମୁଁ ତଥାପି ଭାବୁଛି ଯେ, ଆପଣା ଇଚ୍ଛାଶକ୍ତିର ପ୍ରୟୋଗ କରି ଜୀବନ ବଞ୍ଚା ହିଁ ତା’ଲାଗି ଅଧିକ ଭଲ ହେବ । ମୁଁ ଏକଥା ମଧ୍ୟ ବିଶ୍ୱାସ କରୁଛି ଯେ, ଲୋକେ ଆପଣାର ଇଚ୍ଛାଶକ୍ତିକୁ ଏପରି ଯଥେଷ୍ଟ ପରିମାଣରେ ଅବଶ୍ୟ ବିକଶିତ କରିନେଇ ପାରିବେ, ଯାହାଦ୍ୱାରା କି ଶୋଷଣ ସର୍ବନିମ୍ନ ମାତ୍ରାରେ ରହିବାକୁ ଅବଶ୍ୟ ବାଧ ହେବ ।

ରାଷ୍ଟ୍ରର କ୍ଷମତା ବୃଦ୍ଧିକୁ ମୁଁ ସବୁଠାରୁ ଅଧିକ ଭୟମିଶ୍ରିତ ଦୃଷ୍ଟିରେ ଦେଖିଥାଏ ; ଅବଶ୍ୟ ଏକଥା ସତ ଯେ ଶୋଷଣର ଯଥାସମ୍ଭବ ହ୍ରାସ ଘଟାଇ ରାଷ୍ଟ୍ର ବାହାରକୁ ଦିଶିବା ଭଳି ପ୍ରଧାନତଃ କଲ୍ୟାଣ ହିଁ କରୁଥାଏ । ମାତ୍ର ବ୍ୟକ୍ତିର ବ୍ୟକ୍ତିସତ୍ତାକୁ ନଷ୍ଟକରି ଏବଂ ସେହି ବ୍ୟକ୍ତିସତ୍ତା ହିଁ ତ ଯାବତୀୟ ଅଗ୍ରଗତିର ମୂଳରେ ରହିଛି ତାହା ମନୁଷ୍ୟମାନଙ୍କର ସବୁଠାରୁ ଅଧିକ ଅନିଷ୍ଟ କରିଥାଏ ।

ଆମକୁ ଏପରି ଅନେକ ଦୃଷ୍ଟାନ୍ତ ଜଣାଅଛି, ଯେଉଁଠାରେ କି ଲୋକମାନେ ଟ୍ରଷ୍ଟୀବ୍ୟବସ୍ଥାକୁ ଗ୍ରହଣ କରି ନେଇଛନ୍ତି ମାତ୍ର ଏକ ରାଷ୍ଟ୍ର କୌଣସି ସମୟରେ ଦରିଦ୍ର ଶ୍ରେଣୀ ନିମନ୍ତେ ହିଁ ପ୍ରକୃତରେ ବଞ୍ଚୁଛି, ଏପରି ଦୃଷ୍ଟାନ୍ତ ଆଦୌ ଜଣାନାହିଁ ।

ଅହିଂସା ଉପରେ ପ୍ରତିଷ୍ଠିତ ସ୍ୱରାଜ୍ୟରେ ଲୋକମାନଙ୍କର ସେମାନଙ୍କର ଅଧିକାରଗୁଡ଼ିକୁ ନଜାଣିଥିଲେ ମଧ୍ୟ କୌଣସି କ୍ଷତି ହେବନାହିଁ, ମାତ୍ର ସେମାନଙ୍କର ନିଜର କର୍ତ୍ତବ୍ୟଗୁଡ଼ିକୁ ଅବଶ୍ୟ ଜାଣିଥିବା ଉଚିତ । ଏପରି କୌଣସି କର୍ତ୍ତବ୍ୟ ନାହିଁ ଯାହାକି ତଦନୁରୂପ ଗୋଟିଏ ଅଧିକାର ଆଣି ନ ଦେଇଥାଏ । ଆପଣାର କର୍ତ୍ତବ୍ୟଗୁଡ଼ିକର ସମ୍ପାଦନ କରିବାରୁ ହିଁ ଯେଉଁ ଅଧିକାରଗୁଡ଼ିକ ପ୍ରସରି ଆସିଥାଏ, କେବଳ ସେହିଗୁଡ଼ିକ ହିଁ ଯଥାର୍ଥ ଅଧିକାର । ତେଣୁ, ଯେଉଁ ବ୍ୟକ୍ତିମାନେ ନିଜ ରାଷ୍ଟ୍ରର ପରିଚର୍ଯ୍ୟା କରନ୍ତି, ସେହିମାନେ ହେଉଛନ୍ତି ଜଣେ ଜଣେ ନାଗରିକ ହିସାବରେ ଆପଣା ଅଧିକାରଗୁଡ଼ିକର ଯଥାର୍ଥ ଅଧିକାରୀ । ସେହିମାନେ ହିଁ ସେମାନଙ୍କର ପ୍ରାପ୍ୟ ଅଧିକାରଗୁଡ଼ିକ ବିଷୟରେ ନ୍ୟାୟବିଚାର କରିପାରିବେ । ସମସ୍ତଙ୍କର ମିଛ କହିବାର ଅଥବା ଗୁଣ୍ଡା ହେବାର ଅଧିକାର ରହିଛି । ମାତ୍ର, ଏପରି ଏକ ଅଧିକାରକୁ କାର୍ଯ୍ୟରେ ପରିଣତ କରିବାକୁ ବାହାରିଲେ ତାହା ଦ୍ୱାରା ସଂପୃକ୍ତ ବ୍ୟକ୍ତିଟିର ତଥା ସମାଜର ଅନେକ ଅନିଷ୍ଟ ହେବ । ମାତ୍ର, ଯେଉଁ ବ୍ୟକ୍ତି ସତ୍ୟ ଓ ଅହିଂସା ପାଳନ କରିବ, ସିଏ ସମ୍ମାନର ହିଁ ଅଧିକାରୀ ହେବ ଏବଂ ସମ୍ମାନ ଆଉ କେତେ କେତେ ଅଧିକାରକୁ ମଧ୍ୟ ଆଣିଦେଇ ପାରିବ । ଯେଉଁ ବ୍ୟକ୍ତିମାନେ ଆପଣାର କର୍ତ୍ତବ୍ୟ କରୁଥିବାରୁ ଆପଣାର ଅଧିକାରଗୁଡ଼ିକୁ ଲାଭ କରନ୍ତି, ସେମାନେ ସମାଜର ସେବା କରିବା ଲାଗି ହିଁ ସେହି ଅଧିକାରଗୁଡ଼ିକୁ କାମରେ ଲଗାନ୍ତି, କଦାପି କେବଳ ନିଜ ଲାଗି କାମରେ ଲଗାନ୍ତି ନାହିଁ ।

ଏକ ଜନସମୂହ ଲାଗି ସ୍ୱରାଜ୍ୟ, ତାହା ହେଉଛି ସେହି ସମୂହ ଭିତରେ ବାସ କରୁଥିବା ବ୍ୟକ୍ତିମାନଙ୍କ ସ୍ୱରାଜ୍ୟର ହିଁ ସମଷ୍ଟି ମାତ୍ର । ବ୍ୟକ୍ତିମାନେ ଜଣେ ଜଣେ ନାଗରିକ ହିସାବରେ ଆପଣାର କର୍ତ୍ତବ୍ୟ କଲେ ଯାଇ ଏହିଭଳି ଏକ ସ୍ୱରାଜ୍ୟ ସମ୍ଭବ ହୁଏ । ସେହି କ୍ଷେତ୍ରରେ କେହି ନିଜ ଅଧିକାର ସମ୍ବନ୍ଧରେ ଚିନ୍ତା କରନ୍ତି ନାହିଁ । ଆପଣାର କର୍ତ୍ତବ୍ୟଗୁଡ଼ିକର ଅଧିକ ଭଲଭାବରେ ପାଳନ ନିମନ୍ତେ ଆବଶ୍ୟକ ହେବା ସମୟରେ ଅଧିକାରଗୁଡ଼ିକ ମଧ୍ୟ ଆସି ଉପସ୍ଥିତ ହୋଇଥାନ୍ତି ।

ଅହିଂସା ଉପରେ ଆଧାରିତ ସ୍ୱରାଜ୍ୟ ବ୍ୟବସ୍ଥାରେ କେହି କାହାର ଶତ୍ରୁ ହୋଇ ରହି ନଥାଏ, ସାଧାରଣ ଲକ୍ଷ୍ୟଟିର ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଆପଣା ଭାଗଟିର ଅବଦାନ ଦେଇଥାଏ । ସମସ୍ତେ ପଢ଼ି-ଲେଖୁ ଜାଣିଥାନ୍ତି, ଏବଂ ସେମାନଙ୍କର ଜ୍ଞାନରେ ଦିନକୁ ଦିନ ବୃଦ୍ଧି ହିଁ ହେଉଥାଏ । ଅସୁସ୍ଥତା ଅଥବା ରୋଗ ସର୍ବନିମ୍ନ ଗାରଟିକୁ ଖସିଆସେ । କେହି ନିଃସ୍ୱ ନଥାନ୍ତି ଏବଂ ଶ୍ରମ ସର୍ବଦା ନିୟୋଜିତ ହେବା ଲାଗି କ୍ଷେତ୍ର ପାଇ ପାରୁଥାଏ । ଏପରି ଗୋଟିଏ ଶାସନରେ ଜୁଆ ପାଇଁ କୌଣସି ସ୍ଥାନ ନଥାଏ । ସୁରାପାନ, ଅନୈତିକତା କିମ୍ବା ଶ୍ରେଣି -ବିଦ୍ୱେଷ ପାଇଁ କୌଣସି ସ୍ଥାନ ନଥାଏ ।

ଧନୀକ ଶ୍ରେଣୀ ବିବେକର ସହିତ ଏବଂ ଯଥାର୍ଥରେ କାମରେ ଲାଗିବା ଭଳି ସେମାନଙ୍କର ଧନକୁ ବ୍ୟବହାର କରିବେ ଏବଂ ନିଜର ବିଳାସ ଓ ପାର୍ଥିବ ସୁଖଭୋଗର ବୃଦ୍ଧି ସାଧନରେ ତାହାକୁ କଦାପି ଉଡ଼ାଇ ଦେବେନାହିଁ । ଏପରି ଆଦୌ ଘଟିବ ନାହିଁ ଯେ, ମୁଷ୍ଟିମେୟ ଧନୀଲୋକ ମଣିମୁକ୍ତା ଦ୍ୱାରା ଖଚିତ ପ୍ରାସାଦମାନଙ୍କରେ ବାସ କରୁଥିବେ ଏବଂ କୋଟି କୋଟି ଅନ୍ୟ ମନୁଷ୍ୟ ଅତ୍ୟନ୍ତ ଦୟନୀୟଭାବରେ ଏପରି ଭଙ୍ଗା କୁଡ଼ିଆମାନଙ୍କରେ ବାସ କରୁଥିବେ, ଯେଉଁଠାରେ ସୂର୍ଯ୍ୟକିରଣ ପଡୁ ନଥିବ କି ପବନ ଯାତାୟତ କରି ପାରୁ ନଥିବା । ଅହିଂସାତ୍ମକ ସ୍ୱରାଜ୍ୟରେ ନ୍ୟାଯ୍ୟ ଅଧିକାର ଉପରେ ଆଦୌ କୌଣସି ହସ୍ତକ୍ଷେପ ଘଟିବ ନାହିଁ, ବରଂ ଏପରି ହୋଇଥବ ଯେ କାହାରି କୌଣସି ଅନ୍ୟାୟୋଚିତ ଅଧିକାର ନଥିବ । ଗୋଟିଏ ସୁସଂଗଠିତ ରାଷ୍ଟ୍ରରେ ଜବରଦସ୍ତିକରି କିଛି ଅଧିକାର କରିନେବା ଅସମ୍ଭବ ହୋଇଥିବ ଏବଂ ସେହିପରି ଜଣେ ଦଖଲ କରି ନେଉଥିବା ବ୍ୟକ୍ତିକୁ ତା’ର ଅପହରଣରୁ ବଞ୍ଚିତ କରିବା ଲାଗି କୌଣସି ବଳପ୍ରୟୋଗ ଆବଶ୍ୟକ ହେଉ ନ ଥିବ ।

# ବାପା

## ଡକ୍ଟର ନିରଞ୍ଜନ ପତି

ନିଜ କେଶ ଅସଜଡ଼ା ହେଲେ ବି
ମୋ ମଥାର କେଶକୁ ପାନିଆରେ
ସଜାଡୁଥିବା ମଣିଷଟି
ମୋ ବାପା ।
ନିଜେ ନ ଖାଇ ମୋ ମଥା
ଆଇଁଶି ଦେଇ ଅତି ସରାଗରେ
ଖୁଆଉଥିବା ମଣିଷଟି
ମୋ ବାପା ।
ଧୂ ଧୂ ଖରାଟାରେ ଛଟପଟ ହେଲେ ବି
ମୋତେ ଗାମୁଛାରେ ଛତାରେ
ଛାଇ ଦେଇଥିବା ମଣିଷଟି
ମୋ ବାପା ।
ଝଞ୍ଜା ବତାରେ କଣ୍ଠ ଶୁଖିଗଲେ ବି
ନିଜେ ପ୍ରଥମେ ନ ପିଇ
ମୋତେ ପାଣି ପିଆଉଥିବା ମଣିଷଟି
ମୋ ବାପା ।
ବରଷାରେ ଜଳଭରା ନଈ
ପାରକଲା ବେଳେ ମୋ ସତକୁ
ଧରି ଟଳମଳ ଡଙ୍ଗାରେ
ସାହା ହେଉଥିବା ମଣିଷଟି
ମୋ ବାପା ।
ହାଡଭଙ୍ଗା ଶୀତରେ ଥରି ଥରି
ନିଜେ ନ ଘୋଡି ମୋତେ
କମ୍ବଳ ଘୋଡାଉଥିବା ମଣିଷଟି
ମୋ ବାପା ।
କାଖରେ କାଖେଇ ପୁନେଇଁ
ଜହ୍ନ ଦେଖାଉଥିବା
ସବୁ ବିପଦରେ ମୋ ପାଖରେ
ଛାଇ ପରି ଥିବା ମଣିଷଟି
ମୋ ବାପା ।
ଅଥଚ ସେଦିନ ସେ
ନିଧଡକ ନିଦରେ ଶୋଇ ପଡିଲେ ବି
ଆଉ ଉଠି ନ ଥିଲେ ଯେତେ
ନେହୁରା ହେଲେ ବି
ଲୁହ ବୁହାଇଲେ ବି ସେ
ସତେ ଯେମିତି ପାଷାଣ
ହେଇ ଯାଇଥିଲେ ଯେ
ମୋର ଶତଚେଷ୍ଟାରେ ବି
ତାଙ୍କୁ ଉଠାଇ ପାରି ନ ଥିବା
ମଣିଷଟି ମୋ ବାପା ।
ପ୍ରାକ୍ତନ ଅଧାପକ ।

**ପ୍ରାକ୍ତନ ଅଧକ୍ଷ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ବରମୁଣ୍ଡା, ଭୁବନେଶ୍ୱର**

## ସ୍ୱର୍ବେଦ

**ଆଶା କା ଘାରା ବନା, ମନସା ବାଁଧ ଜଂଜୀର ।**
**ଅମିତ ଜନ୍ମ ବନ୍ଧନ ରହା, ଜିଓ୍ୱ କୋଇ ଲାଗ ନ ତୀର ।।୩୧।।**

ଭାଷ୍ୟ - ଆଶା ରୂପୀ ମଣ୍ଡଳର ଶିକୁଳିରେ ମନ ବନ୍ଧା ହୋଇଛି । ଅନେକ ଜନ୍ମରୁ ଆଶା ବାସନାର ଘେରରେ ପଡ଼ିବା କାରଣରୁ ଜୀବ ସେମାନଙ୍କଠାରୁ ମୁକ୍ତି ପାଏନାହିଁ ।

**ଯଦି ହରି କୋ ତୁମ ଚାହତେ, ଛାଡ଼ ଜଗତ କୀ ଆଶ ।**
**ନିର୍ଗୁଣ ହରିଗୁଣ ଏକ ବନ, ସବ ସୁଖ ତେରେ ପାସ ।।୩୨।।**

ଭାଷ୍ୟ - ଯଦି ତୁମେ ପ୍ରଭୁଙ୍କୁ ଚାହୁଁଛ, ତେବେ ଜଗତର ସମସ୍ତ ଆଶାକୁ ତ୍ୟାଗ କରିଦିଅ ଓ ପ୍ରାକୃତିକ ଗୁଣଗୁଡ଼ିକୁ ଛାଡ଼ି ପ୍ରଭୁଙ୍କର ଗୁଣଗୁଡ଼ିକୁ ନିଜ ଭିତରକୁ ଆଣି ଦୁହେଁ ଏକ ହୋଇଯାଅ । ସବୁ ସୁଖ ତୁମ ପାଖରେ ହିଁ ଅଛି ।

**ଆଶା ମନସା ନହିଁ ମରେ, ମରି ମରି ଧରେ ଶରୀର ।**
**ମନମଥ ମନ କୀ ଓ୍ୱାସନା, ମାର ଜିଓ୍ୱେ କୋଈ ଧୀର ।।୩୩।।**

ଭାଷ୍ୟ - ମନରେ ସଂସାରର ଆଶା ମରେ ନାହିଁ ବରଂ ମଲାପରେ ଅନ୍ୟ ଶରୀର ଧାରଣ କରେ । ମନରୁ ବିଷୟର ରାଗ ବାସନାକୁ ମାରି କେହି ମନସ୍ୱୀ ସନ୍ଥ ନିଜର ପରମ ପ୍ରକାଶକୁ ପ୍ରାପ୍ତକରି ଜୀବନକୁ ଧନ୍ୟ କରିଥାନ୍ତି ।

**ଆଶା କେଓ୍ୱଲ ନାମ କୀ, ଜଗ ସେ ଭୟା ନିରାଶ ।**
**ଦେଓ୍ୱ ସଦାଫଲ ପ୍ରଭୁ ମିଲୈ, ସଦ୍‌ଗୁରୁ ପର ଓ୍ୱିଶଓ୍ୱାସ ।।୩୪।।**

ଭାଷ୍ୟ - ଯେବେ ସଦ୍‌ଗୁରୁ ପଦରେ ପୂର୍ଣ୍ଣ ବିଶ୍ୱାସ ରଖି ତାଙ୍କର ଅଧୀନ ହୋଇ ସଂସାରର ସମସ୍ତ ଆଶାକୁ ଛାଡ଼ି ଏମାତ୍ର ନାମ ସତ୍‌ପୁରୁଷଙ୍କର ବିଶ୍ୱାସ କରିବ ତେବେ ସେହି ପରମପ୍ରଭୁଙ୍କର ପ୍ରାପ୍ତି




ହେବ ।

**।। ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ, ନବମ ଅଧ୍ୟାୟ ଭାଷ୍ୟ ସମାପ୍ତ ।।**

**ଦଶମ ଅଧ୍ୟାୟ**

**ଶୀଲ ରତନ ଗୁଣ ଉଦୟ ମେଁ, ଅଗମ ଦୃଷ୍ଟି ଘଟ ହୋୟ ।**
**ସୁରତି ସମେଟୀ ଆପ ମେଁ, ଶୀଲ ଶିଲା ସମ ସୋୟ ।।୦୧।।**

ଭାଷ୍ୟ - ଯୋଗାଭ୍ୟାସୀ ନିକଟରେ ସହନଶୀଳତା, ରତ୍ନ ଗୁଣ ପ୍ରକଟ ହେବା ପରେ ଅନୁଭବ, ଊର୍ଦ୍ଧ୍ୱ ଚେତନଦୃଷ୍ଟି ପ୍ରାପ୍ତ ହୋଇଥାଏ ଆଉ ଇତଃସ୍ତତଃ ଭାବରେ ପଡ଼ିଥିବା ସୁରତି ଆତ୍ମାରେ ସ୍ଥିର ହୋଇ ଶୀଳାଖଣ୍ଡ ସଦୃଶ ହୋଇଯାଏ । ଗ୍ରନ୍ଥକାର ଆତ୍ମଚେତନାର ଉଚ୍ଚକୋଟୀର ପରିଭାଷା କରିଛନ୍ତି ଯାହା ଅତ୍ୟନ୍ତ ଅପୂର୍ବ ଅଟେ ।

**ଶୀଲ ଅନେକ ପ୍ରକାର କେ, ଜ୍ଞାନ ଶୀଲ ମତି ଧୀର ।**
**ଚେତନ କୀ ଚୌକୀ ପରୀ, ସାଓ୍ୱଧାନ ଗମ ଧୀର ।।୦୨।।**

ଭାଷ୍ୟ - ଆତ୍ମ ଦୃଷ୍ଟିର ସ୍ଥିରତା ଅନେକ ପ୍ରକାରର ହୋଇଥାଏ । ଜ୍ଞାନଶୀଳ, ଧୀର ଏବଂ ମେଧାବୀ ପୁରୁଷମାନଙ୍କର ହୋଇଥାଏ, ଯେଉଁଥିରେ ଜ୍ଞାନଶୀଳ ସହଜ ଯୋଗୀ ନିଜର ଚେତନ ଆତ୍ମଭୂମିରେ ବସି ସୁରତିକୁ ସମ୍ଭାଳି ଚେତନଲୋକକୁ ପ୍ରାପ୍ତ କରିଥାଏ ।

**ଶବ୍ଦ ବିନା ନହିଁ ସନ୍ତ ହେଁ, ଭାଓ୍ୱ ବିନା ନହିଁ କନ୍ତ ।**
**ଓ୍ୱିରହ ବିନା ନହିଁ ଭକ୍ତ ହୈ, ଶୀଲ ବିନା ନହିଁ ଅନ୍ତ ।।୦୩।।**

ଭାଷ୍ୟ - ଶବ୍ଦର ପ୍ରାପ୍ତି ହେବା ପରେ ସନ୍ଥପଦ ପ୍ରାପ୍ତ ହୁଏ । ପ୍ରେମ ବିନା ସ୍ୱାମୀ ନା ପ୍ରସନ୍ନ ହୋଇଥାନ୍ତି, ନା ତାଙ୍କର ପ୍ରେମ ସମ୍ବନ୍ଧ ରହେ । ଏହି ପ୍ରକାର ପ୍ରଭୁଙ୍କର ବିରହ ବିନା ଭକ୍ତି ହୋଇପାରେ ନାହିଁ ଓ ଆତ୍ମଚେତନ ଦୃଷ୍ଟି ସ୍ଥିର ଅର୍ଥାତ୍ ସ୍ଥିର ନ ହେଲେ ପ୍ରଭୁପ୍ରାପ୍ତି ଅବା ତାଙ୍କର ଆନନ୍ଦର ଉପଲବ୍ଧି ହୋଇପାରେ ନାହିଁ ।

**ନଦ୍ୟହ ମିଲତ ସମୁଦ୍ର ମେଁ, ତ୍ୟୌଁ ସୁଖ ସମ୍ପତି ଆୟ ।**
**ଶୀଲଓ୍ୱନ୍ତ ଓ୍ୱର ମାନ ହୈ, ଶୀଲ ରତନ କୋଇ ପାୟ ।।୦୪।।**

ଭାଷ୍ୟ - ଯେଉଁ ପ୍ରକାର ନଦୀଗୁଡ଼ିକ ସମୁଦ୍ରରେ ଯାଇ ମିଶିଥାନ୍ତି ସେହି ପ୍ରକାର ଶୀଳବାନ୍ ପୁରୁଷମାନଙ୍କ ନିକଟକୁ ସୁଖ ଶାନ୍ତି ସ୍ୱତଃ ଆସିଯାଏ । ଶୀଳବାନ୍ ପୁରୁଷ ସର୍ବଶ୍ରେଷ୍ଠ ଏବଂ ପୂଜନୀୟ ଅଟନ୍ତି । ଶୀଳ ରତ୍ନଗୁଣ କେବଳ ବିରଳ ବ୍ୟକ୍ତିଙ୍କୁ ପ୍ରାପ୍ତ ହୋଇଥାଏ ।

**ଶୀଲ ରତନ ଗୁଣ ସର୍ଓ୍ୱ ପର, ହଁସ ଦଶା ମହଁ ଆୟ ।**
**ଶୀତଲ ସରଲ ସ୍ୱଭାଓ୍ୱ ମେଁ, ଦ୍ୱନ୍ଦ୍ୱ ନ କାହୂ ପାୟ ।।୦୫।।**

ଭାଷ୍ୟ - ଶୀଳ ସମସ୍ତ ଗୁଣମାନଙ୍କ ମଧ୍ୟରେ ରତ୍ନ ଅଟେ । ସେଥିପାଇଁ ଗ୍ରନ୍ଥକାର 'ଶୀଳ ରତ୍ନ ଗୁଣ' ବୋଲି ସମ୍ବୋଧନ କରିଛନ୍ତି । ଏହା ସର୍ବଶ୍ରେଷ୍ଠ ଗୁଣ ଶୁଦ୍ଧ ଆତ୍ମସ୍ୱରୂପ ପ୍ରାପ୍ତ ହେଉଥିବା ଯୋଗୀମାନଙ୍କୁ ପ୍ରାପ୍ତ ହୋଇଥାଏ । ଶୀଳ ଶୀତଳ ସରଳ ସ୍ୱଭାବ ହୋଇଥିବା କାରଣରୁ ଯୋଗୀକୁ କୌଣସି ପ୍ରକାର ଦ୍ୱନ୍ଦ୍ୱ ଆଉ ଅଶାନ୍ତି ପ୍ରାପ୍ତ ହୁଏନାହିଁ ।

**ଜପୀ ତପୀ ଧର୍ମଜ୍ଞ ହୈ, ପୂଜକ ବହୁ ଓ୍ୱିଦ୍ୱାନ ।**
**ଶୀଲଓ୍ୱନ୍ତ ଓ୍ୱିରଲେ ମିଲେଁ, ମହିମା, ଶୀଲ ମହାନ୍ ।।୦୬।।**

ଭାଷ୍ୟ - ଜପୀ, ତପୀ, ଧର୍ମଜ୍ଞ, ପୂଜକ ଏବଂ ବିଦ୍ୱାନ ବହୁତ ଅଛନ୍ତି, ମାତ୍ର ଶୀଳବନ୍ତ ହେବା କୌଣସି ବିରଳ ବ୍ୟକ୍ତିଙ୍କୁ ମିଳେ । ଶୀଳବାନ୍ ପୁରୁଷଙ୍କର ମହିମା ମହାନ୍ ଅଟେ ।

**କ୍ରୋଧ ଓ୍ୱେଗ କୋ ରୋକ ଲୋ, କ୍ଷୟ କର ଧଦକୀ ଆଗ ।**
**ଶୀତଲ ଶାନ୍ତି ସ୍ୱଭାଓ୍ୱ ହୈ, କ୍ଷମା କରେ ବଲ ଜାଗ ।।୦୭।।**

ଭାଷ୍ୟ - କ୍ରୋଧ ଏବଂ ଆବେଗକୁ ନିୟନ୍ତ୍ରଣ କରନ୍ତୁ ଅନ୍ୟଥା ଜଳନ୍ତା ନିଆଁ ତୁମକୁ ଦଗ୍ଧ କରିଦେବ । ଶୀଳ ଏବଂ ଶାନ୍ତ ସ୍ୱଭାବ ରଖୁଥିବା ସଜ୍ଜନ କ୍ଷମା ଗୁଣର ଅଧିକାରୀ ହୋଇଥାନ୍ତି । ଏହି କାରଣରୁ ସେମାନଙ୍କର ଆତ୍ମିକ ବଳ ସର୍ବଦା ଜାଗ୍ରତ ଏବଂ ସୁରକ୍ଷିତ ରହିଥାଏ ଯଦ୍ୱାରା ଅନ୍ୟମାନଙ୍କ ପ୍ରତି ସେମାନଙ୍କର କ୍ରୋଧ ଏବଂ ଆବେଗ ନଷ୍ଟ ହୋଇଯାଏ ।

**ବଡ଼ା ବଡ଼ାପନ ମେଁ ରହେ, ଛୋଟ ଓ୍ୱିଘ୍ନ କର ଭାଓ୍ୱ ।**
**ଓ୍ୱିଦ୍ୟୁତ ଜାର ନ ସେନ୍ଧୁ କୋ, ବଡ଼ କର ଯହୀ ସ୍ୱଭାଓ୍ୱ ।।୦୮।।**

ଭାଷ୍ୟ - ଶ୍ରେଷ୍ଠ ପୁରୁଷ ନିଜର ମର୍ଯ୍ୟାଦା ପାଳନରେ ସର୍ବଦା ଏକ ସମାନ ରହିଥାନ୍ତି ଆଉ ନୀଚ ବ୍ୟକ୍ତି ନିଜର ସ୍ୱଭାବବଶତଃ ଅନ୍ୟକୁ କଷ୍ଟ ଦେବା ପାଇଁ ଅନେକ ପ୍ରକାରର ବାଧା ପହଞ୍ଚାଇଥାନ୍ତି । ପୁନଶ୍ଚ ଶ୍ରେଷ୍ଠ ପୁରୁଷ କ୍ଷମା କରି ନିଜର ଧର୍ମ ଏବଂ ମର୍ଯ୍ୟାଦା ପାଳନ କରିଥାନ୍ତି । ଯେମିତି ବିଜୁଳି ସମୁଦ୍ରକୁ ଜଳେଇ ପାରେ ନାହିଁ, ସେହି ପ୍ରକାର ଶ୍ରେଷ୍ଠ ପୁରୁଷ ଅନେକ ବିଘ୍ନ ଆସିଲେ ସୁଦ୍ଧା ନିଜର ସ୍ୱଭାବକୁ ପରିବର୍ତ୍ତନ କରନ୍ତି ନାହିଁ । ଏହା ଶ୍ରେଷ୍ଠ ପୁରୁଷଙ୍କର ପରିଚୟ ଅଟେ ।

## ସ୍ୱାସ୍ଥ୍ୟୋପକାରୀ ଲେମ୍ବୁ

ସାଧାରଣତଃ ଲେମ୍ବୁର ବ୍ୟବହାର ବିଭିନ୍ନ ପୂଜା, ଦେବ କାର୍ଯ୍ୟ, ନୂତନ ବାସଗୃହରେ ପ୍ରବେଶ ବେଳେ, ଯାନବାହନ ଆଦିର ପୂଜା ତଥା ଯେ କୌଣସି ଶୁଭାଶୁଭ ପୂଜା କାର୍ଯ୍ୟରେ ହୋଇଥାଏ । ଲେମ୍ବୁରେ ଅନେକ ପ୍ରକାର ଔଷଧୀୟ ଗୁଣ ଭରି ରହିଛି । ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଲେମ୍ବୁ ଖାଆନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ । କେବଳ ସେତିକି ନୁହେଁ, ରକ୍ତହୀନତା ଦୂର କରିବା, ଜୀର୍ଣ୍ଣ ଶକ୍ତି ବୃଦ୍ଧି କରାଇଥାଏ । ଏହାବ୍ୟତୀତ ଉଷୁମପାଣିରେ ଏକ ଫାଳ ଲେମ୍ବୁ ରସ ମିଶାଇ ପ୍ରତିଦିନ ସେବନ କଲେ , ମୋଟାପଣ ହ୍ରାସ ପାଇଥାଏ । ଏହା ହୃଦ୍‌ଜନିତ ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖୁଥାଏ । କିଡ୍‌ନୀ ଷ୍ଟୋନ୍‌କୁ ପ୍ରତିରୋଧ କରିବାର ଶକ୍ତି ମଧ ଏହାର ରହିଛି । ରୋଗ ପ୍ରତିରୋଧକ ଶକ୍ତିକୁ ଏହା ଦୃଢ଼ କରିବା ସହ



ଶରୀରରେ ବିଭିନ୍ନ ପ୍ରକାର ଭୂତାଣୁ ଜନିତ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ । ହେଲେ ଆବଶ୍ୟକତାଠାରୁ ମାତ୍ରାଧିକ ଲେମ୍ବୁରସ ସେବନ କରିବା ଅନୁଚିତ । ଏହାଦ୍ୱାରା ଛାତି ଜ୍ୱାଳା, ବାନ୍ତି ଓକାର ଲାଗିବା ସହ ଆମାଶ୍ରିତ ଜନିତ ସମସ୍ୟା ଦେଖାଯାଏ । ତେଣୁ ଦିନରେ ଅତିବେଶିରେ ୨ ଗୋଟି ଲେମ୍ବୁ ଖାଇବା ଉଚିତ । ଦୈନନ୍ଦିନ ଖାଦ୍ୟ ତାଲିକାରେ ଲେମ୍ବୁ ସାମିଲ କଲେ ତାହା ଆମକୁ ଅନେକାଂଶରେ ସୁସ୍ଥ ତଥା ନୀରୋଗ ରଖିପାରିବା ।

## ଟିକିଏ ହସନ୍ତୁ

ଅତିଥି : ପପ୍‌ଲୁ ବାବା କହିଲ ତମ ବାପାଙ୍କ ନାଁ କ'ଣ ?
ପପ୍‌ଲୁ : ଅଙ୍କଲ ମୁଁ ଏବେ ତାଙ୍କୁ କିଛି ନା ଦେଇନି ।
କେବଳ ଗେହ୍ଲାରେ ବାପା ବୋଲି ଡାକୁଛି ।

× × ×

ଡାକ୍ତର : ପିଙ୍କୁ ତୁମ ଦାନ୍ତ ପଚିଯାଇଛି ଯ୍ୟାକୁ ଓପାଡିବାକୁ ପଡିବ ।
ପିଙ୍କୁ : କେତେ ଟଙ୍କା ଲାଗିବ ଡାକ୍ତର ?
ଡାକ୍ତର : ୫୦୦ ଟଙ୍କା ।
ପିଙ୍କୁ : ତାହେଲେ ୫୦ ଟଙ୍କା ନିଅନ୍ତୁ ମୋ ଦାନ୍ତ ଟିକେ ଢ଼ିଲା କରି ଦିଅନ୍ତୁ ମୁଁ ନିଜେ ମୋ ଦାନ୍ତ ଓପାଡିଦେବି ।

× × × ×

ଅତିଥି : ଆଉ ପୁଅ କୁନା, ଆଗକୁ କ'ଣ ସବୁ ଯୋଜନା କରିଛୁ ?
କୁନା : କ'ଣ ଆଉ କରିବି ? ଅନେଇଛି, ଆପଣ ଗଲେ ବିସ୍କୁଟ ଦି'ଟା ଆଉ କଦଳୀଟା ଖାଇବି ।
ଅତିଥି : ମାନେ ?
କୁନା : ମାନେ ଆଉ କ'ଣ, ନିମିକି, ରସଗୋଲା ତ ଆପଣ ସବୁ ଖାଇଦେଲେ....



× × × ×

ମା' ପୁଅକୁ : ଏତେ ବୟସ ହେଲାଣି, କେବେ ଆଉ ବାହା ହେବୁ ? ସତ କହିଲୁ ତ କେମିତିଆ ଝିଅ ଚାହୁଁଛୁ ?
ପୁଅ : ଏମିତି ଝିଅ ଦରକାର ଯିଏ ଘରର କାମ କରିବ ଓ ମୋ ବୁଢ଼ୀ ମା'ର ଯତ୍ନ ନେବ ।
ମା' ରାଗିକି ପୁଅକୁ ଚାପୁଡାଟେ ମାରିବା ପରେ
ପୁଅ : ମାରିଲ କାହିଁକି ?
ମା : ତୁ ବୁଢ଼ୀ କାହାକୁ କହିଲୁ ହାଁ ?

× × × × ×

ପିଣ୍ଟୁ କାହାକୁ ଖୋଜୁଥାଏ ଏହା ଦେଖି ରାଜୁ : କାହାକୁ ଖୋଜୁଛୁ କିରେ ?
ପିଣ୍ଟୁ : ମୁଁ ସେ ବାରଜଣଙ୍କୁ ଖୋଜୁଛି ।
ରାଜୁ : କୋଉ ବାରଜଣଙ୍କୁ ?
ପିଣ୍ଟୁ : ସେଇ ବାର ଜଣଙ୍କୁ ଯାହା ବିଷୟରେ ଘରେ ସବୁବେଳେ କହନ୍ତି ।
ରାଜୁ : କ'ଣ କହନ୍ତି ?
ପିଣ୍ଟୁ : କହନ୍ତି ତୁ ଯଦି ଏମିତି ହେବୁ ତା' ହେଲେ ବାରଲୋକ କ'ଣ କହିବେ କହିଲୁ ?

× × × × ×

ମଣ୍ଟୁ : ଜାଣିଛୁ ଗୋପୀ ହେଲମେଟ ଓ ସ୍ତ୍ରୀର ସ୍ୱଭାବ ଏକାପରି ।
ଗୋପୀ : କେମିତି ?
ମଣ୍ଟୁ : ଏମିତି ଜାଣିପାରୁନୁ ।
ଉଭୟକୁ ମୁଣ୍ଡ ଉପରେ ବସେଇ ରଖିଲେ ଯାଇ ଜୀବନ ବଞ୍ଚି ରହିବ ।

## ସମର୍ପଣ ଜଣାଣ

### ନାମଯଜ୍ଞ ମିଶ୍ର

ହେ ! ଈଶ୍ୱର ଯଦି ତୁମେ ଚାହୁଁଅଛ ?
(ତବ) ଆଶ୍ରିତର ମାନ ପଡୁତଳେ
କେ ତାହା ଅନ୍ୟଥା କରିବ ହେ ! ତ୍ରାତା ।
କେଉଁ ଶକ୍ତି ଅଛି ରବି ତଳେ ?
ଠିକ୍ ଅଛି ପ୍ରଭୁ ! ନ୍ୟାୟ ଧର୍ମ ଲିଭୁ !
ବୁଡୁ ସତ୍ୟ, ଶାନ୍ତି ରସାତଳେ ।
ହୋଇ ମୁଁ ଭିକାରୀ ଦେଇ ଶାଳ ଦୁରୀ
ନାଚିବି, ତୋ ପାଶେ ଅବିରଳେ ।
ହାସ୍ୟ, ଗାଳି, ଠସା, ଗର୍ବ ଗଞ୍ଜାଣାକୁ
ପିଇବି, ନିର୍ମାଲ୍ୟ ଭାବି ଭୋଳେ
ତୋ ନାମ ଅନାମ, ଗାଇବି କି ନାମ ?
ସର୍ବନାମ ମମଚିତ୍ତେ ଝୁଲେ ।
ତେଣୁ ଯେଉଁ ନାମେ ଡାକି ଦେବି ଭ୍ରମେ
ଗ୍ରହଣ କରିବ ପ୍ରୀତି ଭୋଳେ,
ଯାହା ମୁଁ ଭାବିବି ଖେଳ ରୋଳେ
ସେ ସକଳ ତୁମ ଇଚ୍ଛା ହେଉ ପ୍ରଭୁ !
ମାଗୁଛି ତୋର ଚରଣ ତଳେ
ମୋ ପଦ ସଂଚାର ପ୍ରଦକ୍ଷିଣ ତୋର
ମୋ ଭୋଜନ ତବ ପୂଜା ଛଳେ
ମୋ ହସ୍ତ ହଲିଲେ ହେଉ ତୋ ପ୍ରଣାମ
ଚକ୍ଷୁ କର୍ଣ୍ଣ ନାଚୁ ତୋର ଲୀଳେ
ମୋ କ୍ରନ୍ଦନ ତୋର ହସ ସୁଜୁଥାଉ
ମୋ ନିଦ୍ରା ସମାଧି ତୋର ରୋଳେ ।
ତୋ ସଂସାର ଯେବେ ଗତି କରୁଥିବ
ମୋ ଜୀବନ ସ୍ରୋତ ପ୍ରତିକୁଳେ
ଅନ୍ୟାୟର ଜୟ ନ୍ୟାୟର ବିଳୟ
ଯଦି ଚାହୁଁ ତୁହି ଅବିରଳେ ।
ଆଉ କିବା ଗତି ଅଗତିର ଗତି
ଯଦି ଛେଦୁଥିବ ପ୍ରାଣମୂଳେ
ଦୁର୍ଭାଗ୍ୟର ଗ୍ରାହ ଗ୍ରହ ପଦଧରି
ଯଦି ଓଟାରିବ ଘୋର ଜଳେ
ପ୍ରାଣ ଗଜୋଦ୍ଧାର ନ କଲେ ତୋଚକ୍ର
କିବା ଲାଭ ତୋରେ ଡାକି ଦେଲେ ?
ତୁମେ ତ ମୋଧନ, ତୁମେ ମୋ ଜୀବନ
ମନ ପବନର ଆଧାର
ତୁମ ବିନା ଆଉ ଆଶା ଅଛି କେହୁ ?
ଏ ବିଶ୍ୱ ବ୍ରହ୍ମାଣ୍ଡ ମଧର ।
ତୋର ଗଢ଼ା ମୁହିଁ ତୋରେ ସମର୍ପିତ
ଏତ ସତତ ଶାଶ୍ୱତ ସତ୍ୟ
କି ପାଇଁ କହିବି ସମର୍ପିତ ବୋଲି
ଅଯଥା ନିଖାଗ୍ନି ଭେଦ ତତ୍ତ୍ୱ ।

**ବରପାଲିପଡ଼ା, ବଲାଙ୍ଗୀର**

## ଉପକାରୀ ଦହି

ଦହିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ପ୍ରତିଦିନ ଦହି ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଏ । ଏଥିରେ କ୍ୟାଲସିୟମ୍ ଓ ପଟାସିୟମ୍ ଭରପୂର ମାତ୍ରାରେ ରହିଛି । ଏହି ଦୁଇଟି ତତ୍ତ୍ୱ ଶରୀର ପାଇଁ ବେଶ୍ ଉପକାରୀ । ତେଣୁ ଆମେ ପ୍ରତିଦିନ ଆମ ଖାଦ୍ୟରେ ଦହିକୁ ସାମିଲ୍ କରିବା ନିହାତି ଦରକାର । ପ୍ରତିଦିନ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ । ଏହା ଖାଦ୍ୟକୁ



ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିଥାଏ । ବେଳେବେଳେ ଶରୀରରେ ହରମୋନ୍ ସନ୍ତୁଳିତ ଅବସ୍ଥାରେ ରହିଥାଏ । ଏହାକୁ ସନ୍ତୁଳିତ ରଖିବାରେ ଦହି କେତେକାଂଶରେ ସାହାଯ୍ୟ କରିଥାଏ । ତେଣୁ ଏହା କୋଲେଷ୍ଟରଲ୍‌କୁ ସନ୍ତୁଳିତ ରଖିବା ସହ ହାର୍ଟକୁ ମଧ ସୁସ୍ଥ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖେ । ସବୁଠାରୁ ଖାସ୍ କଥା ହେଲା ମେଦବହୁଳତାକୁ ମଧ କମାଇବାରେ ଦହି ସାହାଯ୍ୟ କରିଥାଏ ।

# କନ୍ଦମୂଳର ଉପକାରିତା

କନ୍ଦମୂଳ ମାଟି ତଳେ ଫଳିଥାଏ । ଏହାକୁ ଇଂରାଜୀରେ ସୁଇଟ୍ ପଟାଟୋ କହିଥାନ୍ତି । ଏହାକୁ ଉଭୟ ପୋଡି ଓ ସିଝାଇ ଖିଆ ଯାଇଥାଏ । ଏହା ଖୁବ୍ ସ୍ୱାଦିଷ୍ଟ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଓ ପୋଷକତତ୍ତ୍ୱ ରହିଛି । ପୋଷକ ତତ୍ତ୍ୱରେ ଭରି ରହିଥିବା କନ୍ଦମୂଳକୁ ମିଠା ଆଳୁ ବୋଲି ମଧ କେତେକ କହିଥାନ୍ତି । କନ୍ଦମୂଳ ସାଧାରଣତଃ ତିନି ପ୍ରକାରର ଫଳିଥାଏ । ଲାଲ, ଗୋଲାପି ଓ ଧଳା । ସବୁ ପ୍ରକାରର କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ।

ମଧୁମେହ ରୋଗୀଙ୍କ ପାଇଁ ଆଳୁ ଖାଇବାକୁ ମନା ହୋଇଥିଲେ ହେଁ ସେମାନେ କନ୍ଦମୂଳ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । କାରଣ ଏଥିରେ କାର୍ବୋହାଇଡ୍ରେଟ୍ ମାତ୍ରା କମ୍ ରହିଥାଏ । ଏହା ବ୍ଲଡ ସୁଗାର ମାତ୍ରା ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ । କନ୍ଦମୂଳରେ ଫାଇବରର ମାତ୍ରା ଅଧିକ ରହିଥାଏ ଓ ଏହା ମଧୁମେହ ଚିକିତ୍ସା ପାଇଁ ରାମବାଣ ତୁଲ୍ୟ କାର୍ଯ୍ୟ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ପାଚନ ଶକ୍ତି ଠିକଠାକ୍ ରହିଥାଏ । କନ୍ଦମୂଳରେ ଅଧିକ ପରିମାଣର ଫାଇବର ରହିଥିବା ହେତୁ ପେଟ ସମସ୍ୟା ଦୂର କରିବା ସହିତ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରି ପାଚନ ତନ୍ତ୍ରକୁ ଠିକ୍ ରଖେ । ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ଲାଗି କନ୍ଦମୂଳ ଖୁବ୍ ଫଳପ୍ରଦ । ଏଥିରେ ଭିଟାମିନ୍ ସି'ର ଉତ୍ତମ ସ୍ରୋତ ରହିଥାଏ । କନ୍ଦମୂଳରେ ପୋଷକତତ୍ତ୍ୱ ପ୍ରଚୁର ପରିମାଣରେ ରହିଛି । ଏଥିରେ



ଫାଇବର, ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ବି ଅଧିକ ପରିମାଣ ରହିଥିବାରୁ ଏହା ଶରୀରକୁ ରୋଗ ସହିତ ଲଢ଼େଇ କରିବାର କ୍ଷମତା ପ୍ରଦାନ କରିଥାଏ । ଏହା ହୃଦଜନିତ ରୋଗରୁ ରକ୍ଷା କରି ଶରୀରକୁ ସୁସ୍ଥ ରଖିଥାଏ । ଶ୍ୱାସନଳୀ ଓ ଫୁସଫୁସ୍‌ରେ କଫ ଜମୁଥିଲେ ଏହାର ଚିକିତ୍ସା ପାଇଁ କନ୍ଦମୂଳ ବେଶ କାମ କରିଥାଏ । ଏହାର ବାଷ୍ପ ହିଁ ଶ୍ୱାସ ରୋଗୀଙ୍କ ଲାଗି ଖୁବ୍ ଲାଭଦାୟକ ।

କନ୍ଦମୂଳରେ ଭିଟାମିନ୍ ସି' ଓ ଆଇରନ ତଥା ଅନ୍ୟ ପୋଷକ ତତ୍ତ୍ୱ ରହିଥାଏ, ଯାହା ବ୍ରୋଙ୍କାଇଟିସ୍ ସମସ୍ୟା ଦୂର କରିବା ସହିତ ଛାତିରେ ଜମାହୋଇ ରହିଥିବା କଫକୁ ବାହାର କରିଦିଏ ।

ଏଥିରେ ଥିବା ବୀଟା କାରୋଟୀନ, ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟି କାର୍ସିନୋଜେନିକ୍ ମିଠା ଆଳୁ ଚୋପାକୁ ରଙ୍ଗ କରିବାରେ ସହାୟତା କରିଥାଏ । କନ୍ଦମୂଳରେ ଥିବା ବିଟାକୋରୋଟିନ୍ କ୍ୟାନସର ଭଳି ରୋଗକୁ ଦୂର କରିବାରେ ସହାୟକ ହୋଇଥାଏ ।

# ସାଲାଡ୍ ଖାଇ ସୁସ୍ଥ ରୁହନ୍ତୁ

ଏବର ପିଢ଼ି ତବା ଖାଦ୍ୟ, ପ୍ରୋସେସଡ ଫୁଡ୍ ଓ ଫାଷ୍ଟ ଫୁଡ୍ ମାୟାରେ ଏକରକମ ବାନ୍ଧି ହୋଇଯାଇଛନ୍ତି । ସବୁଜ ପନିପରିବା ତରକାରି, ଫଳମୂଳର ଆବଶ୍ୟକତା ତଥା ଉପକାରିତା ଜାଣିବା ସତ୍ତ୍ୱେ ଏହାକୁ ପ୍ରାଧାନ୍ୟ ଦିଆଯାଉ ନାହିଁ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ସେସବୁ ଖାଇବା ସହ ସାଲାଡ ଖାଇଲେ ଏକ ରୋଗମୁକ୍ତ ଜୀବନ ଅତିବାହିତ କରିପାରିବେ । ଆଜିକାଲି ରେସ୍ତୋରାଁ ଓ ବଡ଼ ହୋଟେଲରେ ସେଫମାନେ ବିଭିନ୍ନ ଆଧୁନିକ ପ୍ରଣାଳୀରେ ସାଲାଡ୍ ପ୍ରସ୍ତୁତ କରୁଛନ୍ତି । ସେସବୁ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇ ନ ଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି ।



ନିୟମିତ କାକୁଡ଼ି, ଟମାଟର ସାଲାଡ ଖାଇଲେ ତାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଯୁବପିଢ଼ି ପ୍ରତ୍ୟହ ସାଲାଡ୍ ଖାଇବା ଖୁବ୍ ହିତକାରୀ ।

ରାତ୍ରି ଭୋଜନ ପରିବର୍ତ୍ତେ ଦିନ ଭୋଜନ ସମୟରେ ସାଲାଡ୍ ଖାଇବା ଭଲ । ବିଶେଷଜ୍ଞଙ୍କ ମତରେ ଆମେ ଦିନବେଳା ଆବଶ୍ୟକତା ଠାରୁ ଅଧିକ ପରିମାଣରେ ଖାଇଥାଉ । ଏଣୁ ଭୋଜନ ପୂର୍ବରୁ ସାଲାଡ ଖାଇଲେ ତାହା ଅଧିକ ଭୋଜନକୁ ନିୟନ୍ତ୍ରଣ କରେ । ସାଲାଡରେ ଲେମ୍ବୁ ରସ ଓ ଲୁଣ ମିଶାଇପାରିବେ । ଏବର ଷ୍ଟାଇଲିଶ୍ ସାଲାଡରେ ଟମାଟୋ ସସ୍ ଓ ମାୟୋନିଜ୍ ବ୍ୟବହାର କରାଯାଉଛି, ତାହା କିନ୍ତୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ ।

ଫ୍ରିଜରେ ରଖି ପରେ ସାଲାଡ ଖାଇଲେ ତାହା ପେଟ ସମସ୍ୟା କରେ । ଅନ୍ୟ ଏକ କଥା ମନେ ରଖନ୍ତୁ, କେବଳ ସନ୍ଧ୍ୟା ସମୟରେ ହିଁ ଫଳ ସାଲାଡ୍ ଖାଇବା ହିତକାରୀ । ଦ୍ୱିପହର ଭୋଜନ କିମ୍ବା ରାତ୍ରି ଭୋଜନ ସମୟରେ ଫଳ ସାଲାଡ୍ ଖାଇଲେ ତାହା ଭଲଭାବେ ହଜମ ହୋଇ ନ ଥାଏ ।

# ଦେହକୁ ହିତ ପିଜୁଳି

ନିୟମିତ ପିଜୁଳି ଖାଇଲେ ସର୍ଦି ଓ କାଶ ପରି ରୋଗ ପାଖ ମାଡେ ନାହିଁ । ଏଥିରେ ଥିବା ଭିଟାମିନ୍ ଏ ଓ ଇ ଆଖି, କେଶ ଏବଂ ତ୍ୱଚାର ପୋଷଣ କରେ । ପିଜୁଳିରେ ଥିବା ଲାଇକୋପିନ ନାମକ 'ଫାଇଟୋ ନ୍ୟୁଟ୍ରେଣ୍ଟ' କର୍କଟ ଓ ଟ୍ୟୁମର ହେବାର ଆଶଙ୍କା ଦୂର କରେ । ଏଥିରେ ଥିବା ବିଟାକେରୋଟିନ୍ ନାମକ ପୋଷକ ତତ୍ତ୍ୱ ସମ୍ବନ୍ଧିତ ରୋଗ ଦୂରରେ କରିବାରେ ସହାୟକ । ଫଳ ପରି ଏହାର ପତ୍ର ମଧ ଉପକାରୀ । ଏହାକୁ ଚୋବାଇ ଖାଇଲେ, ମୁହଁର ସଂକ୍ରମଣ ଦୂର ହୁଏ । ପିଜୁଳି ପତ୍ର ଶ୍ୱାସରୋଗୀଙ୍କ ପାଇଁ ଉପକାରୀ ।



# ଔଷଧୀୟ ଗୁଣରେ ଭରପୁର ସୋରିଷ ତେଲ

ଆମ ଦେଶରେ ପାଚୀନ ସମୟରୁ ଶୁଦ୍ଧ ସୋରିଷ ତେଲ ବ୍ୟବହୃତ ହୋଇ ଆସୁଛି । ସେ ସମୟରେ ଲୋକେ ଏଇ ତେଲ ରନ୍ଧା ଖାଦ୍ୟ ଖାଇ ଏକ ସୁସ୍ଥ ଜୀବନ ଅତିବାହିତ କରୁଥିଲେ । ସମୟକ୍ରମେ ଲୋକଙ୍କ ମତ ପରିବର୍ତ୍ତନ ହେଲା ଯେ ସୋରିଷ ତେଲ ପ୍ରସ୍ତୁତ ଖାଦ୍ୟ ଖାଇଲେ ଓଜନ ବଢ଼ିବା ସହ ବିଭିନ୍ନ ରୋଗ ଆକ୍ରାନ୍ତ କରିଥାଏ । ଏହି ତଥ୍ୟକୁ ଭୁଲ୍ ପ୍ରମାଣିତ କରିଛନ୍ତି ଗବେଷକ ସମୂହ । ଆମେରିକା ଓ ଜାପାନର ଗବେଷକଙ୍କ ମିଳିତ ଗବେଷଣାର ତଥ୍ୟ ଅନୁସାରେ ଶୁଦ୍ଧ ସୋରିଷ ତେଲ ସ୍ୱାସ୍ଥ୍ୟକୁ କୌଣସି ପ୍ରକାର କ୍ଷତି ପହଞ୍ଚାଇ ନ ଥାଏ । ବରଂ ନିୟମିତ ଏଇ ତେଲ ରନ୍ଧା ଖାଦ୍ୟ ଖାଇଲେ ବିଭିନ୍ନ ରୋଗରୁ ମୁକ୍ତି ମିଳେ ।



ଭିଟାମିନ୍ ଇ' ଭରପୁର ସୋରିଷ ତେଲ ନିୟମିତ ତ୍ୱଚାରେ ମାଲିସ୍ କଲେ ଚମକ ଆସିବା ସହ ଦାଗ ମଧ ଦୂର ହୋଇଥାଏ । ଶୀତ ଋତୁରେ ବେସନ ସୋରିଷ ତେଲ ଘୋ, ଏକ ଉତ୍ତମ ପ୍ୟାକ୍ । ପ୍ରତ୍ୟହ ଲଗାଇଲେ ତ୍ୱଚା ଭାଙ୍ଗ ପଡେ ନାହିଁ କିମ୍ବା ଫାଟ ମଧ ହୋଇ ନ ଥାଏ ।

ଦିଲ୍ଲୀର ନାମୀ ହୃଦରୋଗୀ ବିଶେଷଜ୍ଞ ଡାକ୍ତର ଶ୍ରୀତମ ଗୋଏଲଙ୍କ ମତରେ ହୃଦରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ ନିୟମିତ ସୋରିଷ ତେଲ ରନ୍ଧା ଖାଦ୍ୟ ଖାଇବା ଉଚିତ । ଏପରିକି ହୃଦରୋଗୀମାନେ ମଧ ଏଇ ତେଲ ପ୍ରସ୍ତୁତ ଖାଦ୍ୟ ଖାଇବା ଭଲ । ୩୦ ବର୍ଷ ହେଲାଣି ଲୋକଙ୍କ ଚିକିତ୍ସା କରି ଆସୁଥିବା ଡାକ୍ତର ଗୋଏଲ କହିଛନ୍ତି, ସେ ରୋଗୀଙ୍କୁ ବାହାର ରେସ୍ତୋରାଁ ଖାଦ୍ୟ ଖାଇବାକୁ ମନା କରିଥାନ୍ତି । ହେଲେ ଘରେ ଶୁଦ୍ଧ ସୋରିଷ ତେଲ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥାନ୍ତି । ସୋରିଷ ତେଲ ହୃଦରୋଗୀଙ୍କ ନିମନ୍ତେ ଆଦୌ ହାନିକାରକ ନୁହେଁ ବୋଲି ତାଙ୍କ ଯୁକ୍ତି ।

ଆଣ୍ଠୁଗଣ୍ଠି ବିନ୍ଧାରୁ ମୁକ୍ତି ପାଇବାକୁ ଚାହୁଁଥିଲେ ୧ ମାସ ସୋରିଷ ତେଲ ତିଆରି ଖାଦ୍ୟ ଖାଇଲେ ଫରକ୍ ଜାଣିପାରିବେ । ଗାଁଗାହଳିର ଲୋକ ଏବେ ମଧ ସୋରିଷ ତେଲ ରନ୍ଧା ଖାଦ୍ୟ ଖାଇ ଏକ ସୁସ୍ଥ ଜୀବନ ଅତିବାହିତ କରୁଛନ୍ତି ।

ଏଇ ତେଲରେ ମହଜୁଦ୍ ଥିବା ପୋଷକତତ୍ତ୍ୱ ଥିଆମାଇନ୍, ଫୋଲେଟ୍, ନିଆସିନ୍ ଇତ୍ୟାଦି ଆମ ଶରୀରର ଓଜନକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ସୋରିଷ ତେଲ ପ୍ରସ୍ତୁତ ଖାଦ୍ୟ ଖାଇଲେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

# ଆପଣ ଜାଣନ୍ତି କି ?

- ଅଣ୍ଡାରେ ଭିଟାମିନ୍ ସି କୁ ଛାଡି ବାକି ସମସ୍ତ ମହତ୍ତ୍ୱପୂର୍ଣ୍ଣ ଭିଟାମିନ୍ ରହିଛି ।
- ଏଫିଲ୍ ଟାୱାରରେ ସର୍ବମୋଟ୍ ୧୭୯୨ ଟି ସିଡି ଅଛି ।
- ଭାରତରେ ଅନ୍ୟ ଦେଶ ଅପେକ୍ଷା ସର୍ବାଧିକ ଡାକଘର ରହିଛି ।
- ଶିକ୍ଷକ ଯେଉଁ ଚକଖଡିରେ ବ୍ଲାକବୋର୍ଡରେ ପାଠ ପଢ଼ାନ୍ତି ତାହା ସମୁଦ୍ରୀ ଜୀବ ପ୍ଲାଙ୍କଟନର ଜୀବାଶ୍ମରୁ ତିଆରି ।
- ଏ ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଡାଇନୋସରର ଆକୃତି, ଓଜନ, ଖାଦ୍ୟପାନୀୟ ଏବଂ ଅନ୍ୟ ଅଭ୍ୟାସ ସମ୍ପର୍କରେ ବହୁତ କିଛି ତଥ୍ୟ ଜାଣି ପାରିଛନ୍ତି । କିନ୍ତୁ ଏଯାଏ ଜାଣି ପାରିନାହାନ୍ତି ଯେ ଡାଇନୋସରର ରଙ୍ଗ କ'ଣ ଥିଲା ।
- କଦଳୀର ଆବିଷ୍କାର ଆଠ ହଜାର ବର୍ଷର ପୁରୁଣା । ଶହେ ସାତ ଦେଶରେ କଦଳୀ ଫଳେ ।
- ସେଓ, ଅଙ୍ଗୁର ଭଳି ୱାଇନ୍ କିମ୍ବା ବିଅର୍ ପ୍ରସ୍ତୁତିରେ କଦଳୀ ମଧ ବ୍ୟବହାର କରାଯାଏ । ଏହା ସ୍ୱାଦିଷ୍ଟ ଓ ଅଧିକ ଦିନ ପର୍ଯ୍ୟନ୍ତ ରହିପାରେ ।
- କଦଳୀର ପ୍ରଜାତି ସଂଖ୍ୟା ପାଖାପାଖି ହଜାରେ । ସ୍କାର୍ଲେଟ୍, ପିଙ୍କ୍, ବ୍ଲୁ, ସୋ ଫଲ୍‌ସ, ଗୋଲଡଫିଙ୍ଗର୍ ଆଦି କଦଳୀର କିଛି ପ୍ରଜାତିର ନାଁ ।
- କଦଳୀ ସ୍ୱାଭାବିକ ଭାବେ ପରମାଣୁ ବିକିରଣ ପ୍ରତିରୋଧୀ । କଦଳୀରେ ଚାଳିଶ ପ୍ରତିଶତ ପଟାସିୟମ୍ ଥାଏ, ଯାହା ପରମାଣୁ ବିକିରଣ ରୋକିବାକୁ ସକ୍ଷମ ।
- କଦଳୀ ଚୋପାରେ ଜୋତା ପଲିସ୍ କରିହେବ । ଚୋପା ଘଷିବା ପରେ ସଫା କପଡ଼ାରେ ପୋଛିବାକୁ ପଡ଼େ ।

# କହିପାରିବେ କି ?

(୧) 'ଗାୟତ୍ରୀ ମନ୍ତ୍ର'ର ଉଲ୍ଲେଖ କେଉଁ ଗ୍ରନ୍ଥରେ କରାଯାଇଛି ?
(୨) ପୂର୍ବରୁ ପଶ୍ଚିମକୁ ଘୁରୁଥିବା ଗ୍ରହର ନାମ କ'ଣ ?
(୩) ସୂର୍ଯ୍ୟରେ ସର୍ବାଧିକ କେଉଁ ଗ୍ୟାସ୍ ରହିଛି ?
(୪) ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ କେତେ ଦୂରତା ରହିଛି ?
(୫) ଦୁର୍ଗାପୂଜା କେଉଁ ମାସରେ ପଡେ ?
(୬) ମାଛ କାହା ସାହାଯ୍ୟରେ ନିଃଶ୍ୱାସ ନେଇଥାଏ ?
(୭) ଆମ ଦେଶର ପ୍ରଥମ ରାଷ୍ଟ୍ରପତିଙ୍କ ନାମ କ'ଣ ?
(୮) କଳା ମାଟି କେଉଁ ଚାଷ ଲାଗି ସର୍ବାଧିକ ଉପଯୁକ୍ତ ହୋଇଥାଏ ?
(୯) କେଉଁ ବିଦେଶୀ ଆକ୍ରମଣକାରୀ 'କୋହିନୂର ହୀରା' ଏବଂ 'ମୟୂର ସିଂହାସନ' ଚୋରି କରି ନିଜ ସହିତ ସ୍ୱଦେଶକୁ ନେଇ ଯାଇଥିଲେ ?
(୧୦) ସୌରମଣ୍ଡଳର ସବୁଠାରୁ ବୃହତ୍ତମ ଗ୍ରହର ନାମ କ'ଣ ?

## JUMBLE WORDS

| | | | |
|---|---|---|---|
| 1) ENEK | = | 6) HSIUDEO | = |
| 2) CHDERAP | = | 7) OUSIRUF | = |
| 3) JUBTNALI | = | 8) EEZINGFR | = |
| 4) SUOICPRE | = | 9) WFAUL | = |
| 5) DELSUOCII | = | 10) MISHFAED | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଇଲେକଟ୍ରୋନିକ୍ ମେସିନ୍, ୨. ଯ୍ୟାମ୍, ୩. ରାନଡମ ଆକ୍ସେସ୍ ମେମୋରୀ, ୪.ସେଣ୍ଟ୍ରାଲ ପ୍ରୋସେସ୍ ୟୁନିଟ୍, ୫.ଡିସେମ୍ବର ୨ , ୬.ଜେମ୍ସ ଏ ଗୋସଲିଂ, ୭.ଶକୁନ୍ତଳା ଦେବୀ, ୮.ଜେ.ଏମ୍.କୋଏଟଜି, ୯.ଭିଭା, ୧୦. ପୋର୍ଟେବୁଲ ଡକ୍ୟୁମେଣ୍ଟ ଫର୍ମାଟ୍ ।

***Jumble Words*** **ର ଉତ୍ତର :-**

(1) DUCK (2) TERN (3) EGRET (4) IBIS (5) HERON (6) STORK (7) SNIPE (8) GULL (9) SKUA (10) DARTER

# ରାଜ୍ୟରେ ଖାଲି ପଡିଥିବା ପଦବୀଗୁଡିକ ପୁରଣ ହେବ

ଭୁବନେଶ୍ୱର: ରାଜ୍ୟରେ ଖାଲି ପଡ଼ିଥିବା ପ୍ରାୟ ୧.୩୦ ଲକ୍ଷ ସରକାରୀ ପଦବୀକୁ ପୂରଣ କରିବା ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟାକୁ ସରଳୀକରଣ କରିବାକୁ ନିଷ୍ପତ୍ତି ହୋଇଛି । ସପ୍ତାହକ ମଧରେ କ୍ୟାଡ଼ର ଓ ନିଯୁକ୍ତି ନିୟମାବଳୀର ସଂଶୋଧନର ସମୀକ୍ଷା କରିବା ସହ ସମାନ ଶିକ୍ଷାଗତ ଯୋଗ୍ୟତା ଥିବା ପଦବୀଗୁଡ଼ିକୁ କମ୍ବାଇନଡ୍ ରିକ୍ୟୁମେଣ୍ଟ ପରୀକ୍ଷାରେ ସାମିଲ ଓ ଅପ୍ରାସଙ୍ଗିକ ନିଯୁକ୍ତି ସର୍ତ୍ତାବଳୀକୁ ଉଚ୍ଛେଦ ଓ ସରଳୀକରଣ କରିବା ନିମନ୍ତେ ମୁଖ୍ୟ ସଚିବ ମନୋଜ ଆହୁଜା ସମସ୍ତ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟରେ ମୋଟ ୧ଲକ୍ଷ ୩୪ହଜାର ୦୬୭ଟି ମୂଳପଦବୀ ଖାଲି ପଡ଼ିଛି । ସେଥିରୁ ୯୩୫୨୪ଟି ପଦବୀରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ପାଇଁ କ୍ଷମତାପ୍ରାପ୍ତ କମିଟି ଅନୁମୋଦନ କରିଛନ୍ତି । ଏହି ଅନୁମୋଦିତ ପଦବୀ ମଧରୁ ୮୦୧୭୩ଟି ବିଭିନ୍ନ ପଦବୀରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ପାଇଁ ନିଯୁକ୍ତି ଏଜେନ୍ସିଗୁଡ଼ିକୁ ରିକ୍ୟୁଜିସନ୍ ପଠାଯାଇଛି ।

ତଥ୍ୟ ଅନୁସାରେ, ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ସର୍ବାଧିକ ୫୭୪୩୩ଟି ମୂଳପଦବୀ ଖାଲି ପଡ଼ିଥିବା ବେଳେ ସେଥିରୁ ୪୦୬୯୫ଟି ପଦବୀକୁ କ୍ଷମତାପ୍ରାପ୍ତ କମିଟି ଅନୁମୋଦନ କରିଛନ୍ତି । ଏଥିରୁ ୩୪୬୫୭ଟି ପଦବୀ ପୂରଣ ପାଇଁ ବିଭାଗ ପକ୍ଷରୁ ସରକାରୀ ନିଯୁକ୍ତି ଏଜେନ୍ସିକୁ ରିକ୍ୟୁଜିସନ୍ ପଠାଯାଇଛି ।

ସ୍ୱାସ୍ଥ୍ୟ ବିଭାଗରେ ୨୮୭୯୪ଟି ମୂଳପଦବୀ ଖାଲି ପଡ଼ିଛି ଓ ସେଥିରୁ ୨୪୧୮୨ଟି ପଦବୀରେ ନିଯୁକ୍ତି ପ୍ରକ୍ରିୟା ପାଇଁ କ୍ଷମତାପ୍ରାପ୍ତ କମିଟି ଅନୁମୋଦନ ଦେଇଛନ୍ତି । ଆଉ ଏହି ଅନୁମୋଦିତ ପଦବୀ ମଧରୁ ୨୧୩୭୦ଟି ପଦବୀ ପୂରଣ ପାଇଁ ବିଭାଗ ପକ୍ଷରୁ ନିଯୁକ୍ତି ଏଜେନ୍ସିକୁ ରିକ୍ୟୁଜିସନ୍ ପଠାଯାଇଛି । ପଞ୍ଚାୟତିରାଜ ବିଭାଗରେ ୩୮୦୪ଟି ମୂଳପଦବୀ ଖାଲିପଡ଼ିଛି ଓ ସେଥିରୁ ୨୫୮୩ଟି ପଦବୀକୁ କ୍ଷମତାପ୍ରାପ୍ତ କମିଟି ଅନୁମୋଦନ କରିଛନ୍ତି । ଏହି ପଦବୀ ମଧରୁ ୨୫୩୧ଟି ପଦବୀରେ ନିଯୁକ୍ତି ପ୍ରକ୍ରିୟା ପାଇଁ ରିକ୍ୟୁଜିସନ୍ ପଠାଯାଇଛି । ରାଜସ୍ୱ ବିଭାଗରେ ଖାଲି ପଡ଼ିଥିବା ୬୨୮୯ଟି ମୂଳପଦବୀ ମଧରୁ ୪୯୧୯ଟି ପଦବୀକୁ କ୍ଷମତାପ୍ରାପ୍ତ କମିଟି ଅନୁମୋଦନ ଦେଇଛନ୍ତି । ଏହି ସମସ୍ତ ପଦବୀ ପୂରଣ ପାଇଁ ବିଭାଗ ଦ୍ୱାରା ସରକାରୀ ନିଯୁକ୍ତି ଏଜେନ୍ସିଗୁଡ଼ିକୁ ରିକ୍ୟୁଜିସନ୍ ପଠାଯାଇଛି । ଗୃହ ବିଭାଗରେ ଖାଲି ପଡ଼ିଥିବା ୯୬୪୯ଟି ମୂଳପଦବୀ ମଧରୁ ୩୪୯୯ଟି ପଦବୀକୁ କ୍ଷମତାପ୍ରାପ୍ତ କମିଟି ଅନୁମୋଦନ ଦେଇଛନ୍ତି । ସେଥିରୁ ୩୪୬୪ଟି ପଦବୀ ପୂରଣ ପାଇଁ ବିଭାଗ ଦ୍ୱାରା ସରକାରୀ ନିଯୁକ୍ତି ଏଜେନ୍ସିଗୁଡ଼ିକୁ ରିକ୍ୟୁଜିସନ୍ ପଠାଯାଇଛି । ସେହିପରି ଉଚ୍ଚଶିକ୍ଷା ବିଭାଗରେ ୪୪୫୯ଟି ମୂଳପଦବୀ ଖାଲି ପଡ଼ିଛି ଓ ସେଥିରୁ ୨୭୬୬ଟି ପଦବୀକୁ କ୍ଷମତାପ୍ରାପ୍ତ କମିଟି ବା ପ୍ରାଧିକୃତ ଅଧିକାରୀ ଅନୁମୋଦନ ଦେଇଛନ୍ତି ।ଏଥିରୁ ୨୬୧୩ଟି ପଦବୀ ପୂରଣ ପାଇଁ ନିଯୁକ୍ତି ଏଜେନ୍ସିଗୁଡ଼ିକୁ ରିକ୍ୟୁଜିସନ୍ ପଠାଯାଇଛି । ସୂଚନାଯୋଗ୍ୟ, ରାଜ୍ୟରେ ବିଜେପି କ୍ଷମତାକୁ ଆସିଲେ ଖାଲି ପଡ଼ିଥିବା ସରକାରୀ ପଦବୀଗୁଡ଼ିକ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ମୋହନ ମାଝୀ ସରକାର କ୍ଷମତାକୁ ଆସିବାର ମାସେ ନ ପୁରୁଣୁ ପ୍ରଶାସନିକସ୍ତରରେ ଏନେଇ ତତ୍ପରତା ଆରମ୍ଭ ହୋଇଛି । ଏହାସହିତ ବିଜେପି ସରକାର ମଧ ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀଙ୍କ ପୁନଃ ଥଇଥାନ ଦିଗରେ ପ୍ରତିକୂଳ ମନୋଭାବ ପୋଷଣ କରୁଥିବା ଦେଖିବାକୁ ମିଳିଛି । ଯାହାକି ରାଜ୍ୟର ଯୁବବର୍ଗଙ୍କ ପାଇଁ ଶୁଭ ସଙ୍କେତ ବୋଲି କୁହାଯାଉଛି ।

# କୋଲ ୱାସେରୀ ଅନିୟମିତତା ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଦନ୍ତ ନିର୍ଦ୍ଦେଶ

ଝାରସୁଗୁଡ଼ା: ଇଏମସିଏଲର ଆବାସିକ କଲୋନୀ ନିକଟରେ କୋଲ ୱାସେରୀ ଚଳାଉଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ନିୟମମାନୁ ନ ଥିବା ଅଭିଯୋଗ ହେବା ପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । କେବଳ ପ୍ରଦୂଷଣ ନିୟମ ଖିଲାପ ନୁହେଁ ବରଂ ଇଏମସିଏଲ ନାଁରେ ଜମି ଜାଲିଆତି ଅଭିଯୋଗ ମଧ ହୋଇଛି । ସୂଚନା ଅନୁସାରେ ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମସିଏଲ)ର ଲଖନପୁର ଖଣି କ୍ଷେତ୍ରର କିରାରମାସ୍ଥିତ ଆର୍ଥ ମିନେରାଲ କମ୍ପାନୀ ଲିମିଟେଡ ପ୍ରଦୂଷଣ ଜନିତ ସମସ୍ତ ଆଇନକୁ ଜଳାଞ୍ଜଳି ଦେଇ କୋଲ୍‌ୱାସେରୀ ପରିଚାଳନା କରୁଥିବା ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲା । ତେବେ ଅଭିଯୋଗ ପରେ ମଧ କମ୍ପାନୀକୁ କ୍ଲିନଚିଟ୍ ଦିଆଯାଇଥିବା ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ଅଭିଯୋଗ କରିଥିଲେ । ତେବେ ଅଭିଯୋଗ ହେବା ପରେ ପୁଣି ଇଏମସିଏଲ ବା ଆର୍ଥ ମିନେରାଲ କମ୍ପାନୀ ଲିମିଟେଡ ବିରୋଧରେ ତଦନ୍ତ କରିବା ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଗ୍ଲୋବାଲ କୋଲ ୱାସେରୀ ମଧ ଏମସିଏଲ ଜମିରେ କୋଲ୍ ୱାରୋ କରିଥିବା ବେଳେ ଏହାକୁ ସ୍ଥାନାନ୍ତର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋଲ ବିୟରିଂ ଆକ୍ଟ ୧୯୫୭ ଅନୁସାରେ କୋଇଲା ଖନନ ପାଇଁ ଅଧିଗ୍ରହଣ ହୋଇଥିବା ଜମିକୁ ପ୍ରଦାନ କରାଯାଇ ପାରିବ ନାହିଁ । ତେବେ ଜାଗା ପ୍ରଦାନ କରିଥିବାରୁ ୬ ମାସ ମଧରେ ବଦଳ ଜମି ଦେଇ ୱାସେରୀ କବ୍‌ଜା କରିଥିବା ୨୧ ଏକର ଜମି ଖାଲି କରିବାକୁ ନିର୍ଦ୍ଦେଶ ରହିଥିଲା । ଏମସିଏଲର ଅଧିକାରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀ ମଧୁଚନ୍ଦ୍ରିକାରେ ସେହି ୨୧ ଏକର ଜମି ଗ୍ଲୋବାଲ କୋଲ ୱାସେରୀକୁ ଦିଆଯାଇଥବା ଅଭିଯୋଗ ହୋଇଥିଲା । ହେଲେ ପରିବର୍ତ୍ତୀ ସମୟରେ - ସେହି ଜମି ବଦଳରେ ଅନ୍ୟଠାରେ ୧୪ ଏକର ଜମି ଯୋଗାଇ ଦିଆଯାଇଛି । ଏହି ବଦଳ ଜମି ପାଇଁ ଟଙ୍କା ଜମା କରିବା ପାଇଁ ୨୦୧୯ରେ ମଧ କୁହାଯିବା ସହ ସ୍ଥାନ ଖାଲି କରିବା କୁହାଯାଇଥିଲା । ତେବେ ଏହାକୁ ଗ୍ଲୋବାଲ କୋଲ ୱାସେରୀ ବିରୋଧ କରି ହାଇକୋର୍ଟରେ ରିଟ୍ ପିଟିସିନ ଦାଖଲ କରିଥିଲା ।

# ରୋଟାରୀ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର: ସ୍ଥାନୀୟ ରୋଟାରୀ କ୍ଲବ୍ ସମ୍ବଲପୁର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ମୋଟ ୩୬ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । କ୍ଲବର ବରିଷ୍ଠ ସଦସ୍ୟ ତଥା ସମାଜସେବୀ ଡାକ୍ତର ନାରାୟଣୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । କ୍ଲବର ୨୦୨୪ - ୨୫ ବର୍ଷର ସଭାପତି ତୁଷାରକାନ୍ତି ପ୍ରଧାନ, ସମ୍ପାଦକ ସୁକାନ୍ତ ମେହେର, ବିଗତ ବର୍ଷର




ସଭାପତି ସୁଜିତ ପାଣିଗ୍ରାହୀ, ସମ୍ପାଦକ ବସେ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଏଭଳି ଶିବିର ଆୟୋଜନ ସଭିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଶା ରକ୍ତ ଭଣ୍ଡାର ଶାଖାର ଅଧିକାରୀମାନେ ରକ୍ତ ସଂଗ୍ରହ କରିଥିଲେ ।

# ଖାଉଟି ବିଭାଗ ଶାଖା କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

ସମ୍ବଲପୁର: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଖାଉଟି ବିଭାଗର କେତେକ କାର୍ଯ୍ୟାଳୟ ଦୁର୍ଗାପାଲି ସ୍ଥିତ ନୂତନ କାର୍ଯ୍ୟଳୟକୁ ସ୍ଥାନାନ୍ତର ହୋଇଥିବାରୁ ସାଧାରଣ ଲୋକେ ନାନା ହଇରାଣ ହେଉଥିବା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଶ୍ରମିକନେତା ରତିକାନ୍ତ ମହାନ୍ତି ଏନେଇ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇ ଅତ୍ୟାବଶ୍ୟକ ଓ ଜନଉପଯୋଗୀ କାର୍ଯ୍ୟାଳୟର ଶାଖା ସହରାଞ୍ଚଳରୁ ସ୍ଥାନାନ୍ତର ନ କରିବାକୁ ଅନୁରୋଧ କରିଛନ୍ତି । ସମ୍ବଲପୁର ମହାନଗର କାର୍ଯ୍ୟାଳୟ ଏବେ ଦୁର୍ଗାପାଲି ନୂତନ କାର୍ଯ୍ୟାଳୟକୁ ସ୍ଥାନାନ୍ତର ହୋଇଯାଇଛି । ଏହାସହ ଯୋଗାଣ ବିଭାଗ ଅଧୀନରେ ଥିବା ରେସନକାର୍ଡ ସମ୍ବନ୍ଧିତ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇଛି । ନୂତନ କାର୍ଯ୍ୟାଳୟ ସମ୍ବଲପୁର ମୁଖ୍ୟ ସହରାଞ୍ଚଳରୁ ଦୂର ହେଉଥିବାରୁ ଗରିବ ଲୋକେ ହଇରାଣ ଓ ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।

# ‘ମୁକ୍ତ ବିଶ୍ୱବିଦ୍ୟାଳୟ ହେବ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ’

ସମ୍ବଲପୁର: ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟକୁ ଆଗାମୀ ୩ ବର୍ଷ ମଧରେ ରାଜ୍ୟର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ




ପରିଗଣିତ କରାଯିବ । ଏପରିକି ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ରାଜ୍ୟର ଅନ୍ୟ ସମସ୍ତ ପୁରାତନ ଓ ସୁପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଅପେକ୍ଷା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧିକ ଗ୍ରହଣୀୟ ହେବ ବୋଲି ନୂଆ କୁଳପତି ପ୍ରଫେସର ଡ. ଶ୍ୟାମସୁନ୍ଦର ପଟ୍ଟନାୟକ କହିଛନ୍ତି । ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଅନୁଷ୍ଠିତ ସ୍ୱାଗତ ସମାରୋହରେ କୁଳପତି ପ୍ରଫେସର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି । ଏହି ବିଶ୍ୱବିଦ୍ୟାଳୟରେ ବନ୍ଦ ହୋଇଯାଇଥିବା ସ୍ନାତକୋତ୍ତର ପାଠ୍ୟକ୍ରମରେ ପୁନଃ ନାମଲେଖା ପାଇଁ ଅନୁମତି ହାସଲ, ଅଧାପକ ଓ କର୍ମଚାରୀ ପଦ ପୂରଣ ଓ ଉଚ୍ଚତର ଶିକ୍ଷା ଗବେଷଣା ପାଇଁ ଭିତ୍ତିଭୂମି ସୃଷ୍ଟି ତାଙ୍କ ପ୍ରାଥମିକତା ହେବ ବୋଲି କୁଳପତି ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି । ଏହି ସ୍ୱାଗତ ସଭାରେ ପବ୍ଲିକ ଲାଇବ୍ରେରୀର ଅଧକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସଭାପତିତ୍ୱ କରିଥିଲେ । ପବ୍ଲିକ ଲାଇବ୍ରେରୀରେ ଥିବା ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ଶିକ୍ଷାକେନ୍ଦ୍ର ଯେପରି ବନ୍ଦ ନ ହେବ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ପ୍ରଫେସର ପାଢ଼ୀ କୁଳପତିଙ୍କୁ ଅନୁରୋଧ କରିଥିଲେ । ପବ୍ଲିକ ଲାଇବ୍ରେରୀର କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫେସର ରବିନାରାୟଣ ମିଶ୍ର ଶିକ୍ଷା ଓ ବୈଷୟିକ ଗବେଷଣା କ୍ଷେତ୍ରରେ କୁଳପତି ଡକ୍ଟର ପଟ୍ଟନାୟକଙ୍କ ଉପଲବ୍ଧି ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ବଲପୁରର ବୌଦ୍ଧିକ ବିକାଶ ଦିଗରେ ପବ୍ଲିକ ଲାଇବ୍ରେରୀର ମହତ ଯୋଗଦାନ ସମ୍ପର୍କରେ ସଭ୍ୟ ସଚିବ ରଘୁନାଥ ମିଶ୍ର ସୂଚନା ଦେଇଥିଲେ । ଡାକ୍ତର ରମାବଲ୍ଲଭ ମିଶ୍ର ଓ ଡକ୍ଟର ମୁରଲୀ ପ୍ରେମନାଥ ନାୟକ ମୁକ୍ତ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିଗତ ସମସ୍ୟାକୁ ଦୂର କରି ଏହାକୁ ପୁନଃପ୍ରତିଷ୍ଠିତ କରିବା ଦିଗରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସବୁ ପ୍ରକାର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଡାକ୍ତର ଗୁଣସାଗର ଦାଶ କୁଳପତିଙ୍କୁ ପୁସ୍ତକ ଉପହାର ଦେଇଥିଲେ । ଯୁଗ୍ମ ସଂପାଦକ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ ‘ସ୍ୱୀକାର’ ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

# ଶିଳ୍ପାୟନ ପଶ୍ଚିମ ଓଡ଼ିଶାରେ.... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

















ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର କାମଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ବୈଷୟିକ ଅଧିବେଶନରେ ଝାରସୁଗୁଡ଼ାର ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ ଶିଳ୍ପ ପ୍ରତିଷ୍ଠାନ ମାନଙ୍କର ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟଗତ ସୂଚନା ଦେବା ସହ ଏହି କମ୍ପାନୀ ମାନଙ୍କରେ ସ୍ଥାନୀୟ ନିଯୁକ୍ତି ହାର ଉଦ୍‌ବେଗଜନକ ଥିବା ପ୍ରକାଶ କରିଥିଲେ । ସ୍ତମ୍ଭକାର ବିମଳ ପାଣ୍ଡିଆ, ନୃତତ୍ତ୍ୱବିତ୍ତ ଡକ୍ଟର ଝରଣା ମିଶ୍ର, ପ୍ରଫେସର ରାଧେ ଗୋପାଳ ପ୍ରଧାନ ଶିଳ୍ପାୟନର ବିଭିନ୍ନ ସାମାଜିକ ଦିଗ ଉପରେ ଆଲୋଚନା କରିଥିଲେ । ଦ୍ୱିତୀୟ ବୈଷୟିକ ଅଧିବେଶନକୁ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ମଳୟ ମହାନନ୍ଦ ଓ ପ୍ରଫେସର ସଞ୍ଜୟ ପଟ୍ଟନାୟକ ମିଳିତ ଭାବେ ସଂଯୋଜନା କରିଥିବାବେଳେ ଆଦିତ୍ୟ ଆଲୁମିନିୟମ ପୂର୍ବତନ ଉପ-ସଭାପତି ଙ୍କ ସୁଶାନ୍ତ ଗୁରୁ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପି.ପାର୍ଦ୍ଧ ସାରଧୀ ବକ୍ତବ୍ୟ ରଖିଥିଲେ । ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ତୃତୀୟ ବୈଷୟିକ ଅଧିବେଶନରେ ସମ୍ବଲପୁର ବିଶ୍ୱ-ବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଡକ୍ଟର ସଂଯୁକ୍ତା ଦାସ ଓ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଡକ୍ଟର ଆଶିଷ ଦାଶ ବକ୍ତବ୍ୟ ରଖିଥିଲେ । ଶେଷରେ ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ ଗିରିଧାରୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର, ପ୍ରଫେସର ରବିନାରାୟଣ ମିଶ୍ର, ପ୍ରଫେସର ଦୁର୍ଗାମାଧବ ମିଶ୍ର, ଡାକ୍ତର ଦୁର୍ଗା ଶଙ୍କର ଶତପଥୀ, ବଂଶୀଧର କର, ସରୋଜ କୁମାର ମହାପାତ୍ରଙ୍କ ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳର ପରିବେଶ ବିଜ୍ଞାନ ବିଭାଗ ଓ ଆଇନ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରାଜେନ୍ଦ୍ର ସତନାମୀ, ଗୋଲକ ବିହାରୀ ମିଶ୍ର ଓ ଅଶୋକ ପଟେଲ ପ୍ରମୁଖ ସହଯୋଗ କରିଥିଲେ ।

## ଠାକୁରବାଡ଼ି ମଠରେ ଗୌର ଭାଗବତ ଓ ୬୪ ମହନ୍ତ ସେବା



ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡାର ଗେଟି ଟକିଜ୍ ନିକଟସ୍ଥ ଠାକୁରବାଡ଼ି ମଠରେ ଗୌର ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଣ୍ଟାବାଞ୍ଜିର ମହନ୍ତ ଅଦ୍ୱୈତ ଚରଣ ଦାସ ପ୍ରତ୍ୟହ ନିତାଇ ଗୌରାଙ୍ଗଙ୍କ ଲୀଳା ଉପରେ ପ୍ରବଚନ ଦେଇଥିଲେ । ପ୍ରଦୀପ ପାଢ଼ୀ ଏବଂ ତାଙ୍କ ଧର୍ମପତ୍ନୀ ଆହ୍ଲାଦିନୀ ଏଥିରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଉଦ୍‌ଯାପନୀ ଦିବସରେ ମଠରେ ପ୍ରଥମ ଥର ପାଇଁ ୬୪ ମହନ୍ତଙ୍କ ପୂଜା ଓ ସେବା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଗୋପାଳଜୀ ମଠ ମହନ୍ତ ହୃଷିକେଶ ଦାସଙ୍କ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସାଧୁସନ୍ଥ ଯୋଗ ଦେଇଥିଲେ । ଏହି ଅବସରରେ କୀର୍ତ୍ତନ, ଭଜନ, ସାଧୁସେବା, ସାମୁହିକ ଅନ୍ନପ୍ରସାଦ ସେବନର ଆୟୋଜନ କରାଯାଇଥିଲା ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra